

ଯିଏ ମୃତ୍ୟୁ ପର୍ଯ୍ୟନ୍ତ ମଧ କିଛି ଦାନ ନ କରେ
ତାହାଠାରୁ ବଳି ହତଭାଗ୍ୟ ଆଉ କେହି ନାହାନ୍ତି।
- ସେକ୍ସପିଅର

## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ

**ଜେନାପୁର,୨୫।୪(ଡି.ଏନ୍.ଏ.):** ଜେନାପୁର ଥାନା ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ଅଧୀନ ବାଲିକୁଦିଆ (କଣ୍ଟାପାଟଣା) ଗ୍ରାମରେ ଗୁରୁବାର ବଜ୍ରପାତରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ଗ୍ରାମର ଭୋଲି ପାଣି(୫୨)। ପୋଲିସ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଡ଼ଚଣା ପଠାଇଛି। ବାରକେଣା ଆର୍‌ଆଇ ସୁଶାନ୍ତ କୁମାର ସ୍ୱାଇଁ ମଧ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପ୍ରକାଶ ଯେ, ଅପରାହ୍ନରେ ପ୍ରବଳ ବର୍ଷା ସହିତ ଘଡଘଡି ମାରିଥିଲା। ଏହି ସମୟରେ ଘରୁ ଭୋଲି ଖାଇବା ସାରି ହାତ ଧୋଇବାକୁ ବାହାରକୁ ଆସିଥିବାବେଳେ ବଜ୍ରପାତ ହୋଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ପରିବାରକୁ ସହାୟତା ପାଇଁ ଦାବି କରିଛନ୍ତି।

### ନିର୍ବାଚନରୁ ଓହରିଲେ ଈଶ୍ୱର ପ୍ରଧାନ

**ଧର୍ମଶାଳା,୨୫।୪(ଡି.ଏନ୍.ଏ.):** ଧର୍ମଶାଳା ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅଖିଳ ଭାରତୀୟ ହିନ୍ଦୁ ମହାସଭା ବିଧାନସଭା ପ୍ରାର୍ଥୀ ଈଶ୍ୱର ଚନ୍ଦ୍ର ପ୍ରଧାନ ଗୁରୁବାର ନିର୍ବାଚନରୁ ଓହରି ଯାଇଛନ୍ତି। ଏ ନେଇ ସେ ଜାରକାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଦକ୍ଷତାକୁ ସମର୍ଥନ ଜଣାଇ ଏବଂ ଭାଜପାର ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ଓହରି ଥିବା କହିଛନ୍ତି। ଏଥିସହ ଭାଜପା ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇଥିବା ସେ କହିଛନ୍ତି। ଖବର ପ୍ରକାଶ ହେବା ପରେ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ଈଶ୍ୱରଙ୍କୁ ଭାଜପା ପ୍ରାର୍ଥୀ ରମେଶ ପରିଡା ପୁଷ୍ପଗୁଚ୍ଛଦେଇ ସ୍ୱାଗତ ଜଣାଇଥିଲେ।

### ବଜ୍ରପାତରେ ୨ ଗୁରୁତର

**କଳିଙ୍ଗନଗର,୨୫।୪(ଡି.ଏନ୍.ଏ.):** ଦାନଗଦୀ ବ୍ଲକ ଅଞ୍ଚଳରେ ଗୁରୁବାର ଅପରାହ୍ନରେ ବଜ୍ରପାତରେ ୨ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ମାର୍ଥାପୁର ଗ୍ରାମର ଜ୍ୟୋତିରଞ୍ଜନ ସାମଲ(୧୮) ଏବଂ ରାଜେଶ ନାୟକ(୧୯)। ଉଭୟଙ୍କୁ ଯାଜପୁରରୋଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ସେଠାରେ ଜ୍ୟୋତିରଞ୍ଜନଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡିଛି। ପ୍ରକାଶ ଯେ, ଜ୍ୟୋତି ଏବଂ ଅକ୍ଷୟ ବାଇକ୍ ଯୋଗେ ମାର୍ଥାପୁରରୁ ଯାଜପୁରରୋଡ ଆସୁଥିଲେ। ମୋବାଇଲରେ କଥା ହେଉଥିବାବେଳେ ହଠାତ ଉଭୟଙ୍କୁ ବଜ୍ରପାତ ଘଟିଥିଲା। ସଂଜ୍ଞାହୀନ ଅବସ୍ଥାରେ ଉଭୟଙ୍କୁ ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ଯାଜପୁରରୋଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ।

### ଧୋୟା ଅଞ୍ଚଳରେ ବବିତାଙ୍କ ପ୍ରଚାର

**ବିଞ୍ଝାରପୁର,୨୫।୪(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଧୋୟାଅଞ୍ଚଳଭାବେ ପରିଚିତ ଚନ୍ଦ୍ରମୁଁ, ରଣପୁର ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗୁରୁବାର ଭାଜପା ବିଧାନସଭା ପ୍ରାର୍ଥୀ ବବିତା ମଲ୍ଲିକ ପଦଯାତ୍ରା କରିଛନ୍ତି। ଦଳୀୟ କର୍ମୀଙ୍କ ଗହଣରେ ପ୍ରଚାର ଆରମ୍ଭ କରି ସେ ରଣପୁର ଗ୍ରାମ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ । ଭାଜପା ବିଶ୍ୱଜିତ ରାଉତରାୟ, ଅଶୋକ ମଲ୍ଲିକଙ୍କ ସମେତ ବହୁ କର୍ମୀ ପ୍ରଚାରରେ ସାମିଲ ହୋଇଥିଲେ ।

## ଯାଜପୁର ବିଧାନସଭା କ୍ଷେତ୍ର

# ଦୁର୍ନୀତି ରୋକିବାକୁ ପରିବର୍ତ୍ତନର ଆହ୍ୱାନ

**ଯାଜପୁର ଅଫିସ,୨୫।୪**

ଗଣତନ୍ତ୍ର ରାଷ୍ଟ୍ରରେ ଜନ ସହଯୋଗରେ ବିକାଶ କାର୍ଯ୍ୟ ହୋଇଥାଏ । ଲୋକଙ୍କୁ ଅନ୍ଧାରରେ ରଖି ବିକାଶ କାର୍ଯ୍ୟ କେବେ ବି ସମ୍ଭବ ନୁହେଁ। ଏଣୁ ସରକାର ସୂଚନା ଅଧିକାର ଆଇନ ପ୍ରଣୟନ କରିବା ସହ ପ୍ରତ୍ୟେକ ଉନ୍ନୟନ କାର୍ଯ୍ୟରେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ କରିଛନ୍ତି। କିନ୍ତୁ ଯାଜପୁର ସହରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଯାଜପୁର ବିଧାନସଭା କ୍ଷେତ୍ର ସଦର ମହକୁମାରେ ୨୦୧୨ରୁ ଇତିମଧ୍ୟରେ ପ୍ରାୟ ୧ହଜାର କୋଟି ଟଙ୍କାର ଉନ୍ନୟନ କାର୍ଯ୍ୟ ହୋଇଥିବା ଶାସକ ବିଜେଡି ଦାବି କରୁଛି । ଅଥଚ ଗୋଟିଏ ବି ଉନ୍ନୟନ କାର୍ଯ୍ୟରେ ସୂଚନା ଫଳକ ଲାଗି ନାହିଁ । ଏପରିକି ସୂଚନା ଅଧିକାର ଆଇନରେ ସହରରେ ଆବଣ୍ଟିତ ଅନୁଦାନର ଖର୍ଚ୍ଚ ତଥ୍ୟ ମଗାଯାଇଥିଲେ ହେଁ ତାକୁ ଚାପି ଦିଆଯାଉଛି । ଏଥିରୁ ବିକାଶ ନାମରେ ଦୁର୍ନୀତି ହୋଇଥିବା ଜଳଜଳ ହୋଇ ଦିଶୁଛି ବୋଲି ତଥ୍ୟାଭିଜ୍ଞ ମହଲରେ ମତପ୍ରକାଶ ପାଇଛି । ଏହାକୁ ବିରୋଧି ଦଳ ପ୍ରସଙ୍ଗ କରି ପରିବର୍ତ୍ତନର ଆହ୍ୱାନ ଦେଉଛନ୍ତି। ଯାହାକି ଚଳିତ ନିର୍ବାଚନକୁ ପ୍ରଭାବିତ କରୁଥିବା ମନେ ହେଉଛି ।

ଯାଜପୁର ଜିଲା ଗଠନ ହେବାପରେ ଏହାର ପାରିପାର୍ଶ୍ୱିକ, ଭୌଗୋଳିକ ବିକାଶ ଯେପରି ହେବା କଥା ତାହା ଏପର୍ଯ୍ୟନ୍ତ ହୋଇ ପାରିନାହିଁ। ଲୋକଙ୍କ ଜୀବନଧାରଣ ମାନରେ ସେତେଟା ଉନ୍ନତି ଆସି ନାହିଁ । ବିଭିନ୍ନ ସମୟରେ ଜିଲାର ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିମାନେ ଜିଲାର ବିକାଶକୁ ଅଣଦେଖା କରି ଚାଲିଛନ୍ତି। ସେମାନେ ନିଜ ନିଜ ଅଞ୍ଚଳର ବ୍ୟାପକ ଉନ୍ନତି କରିଥିବା ପ୍ରଚାର କରୁଥିଲେ ବି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ପାନୀୟଜଳ, ରାସ୍ତାଘାଟ, ଗମନାଗମନ, ସାଧାରଣ ବଣ୍ଟନ ଓ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ଯାଜପୁର ଜିଲା ଏବେ ବି ଅବହେଳିତ ହୋଇ ରହିଛି। ଦୁର୍ବଳ ନେତୃତ୍ୱ ତଥା ଠିକାଦାରୀ ରାଜନୀତି ବିକାଶର ଧାରାକୁ ପଛକୁ ପକାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ଯାଜପୁର ସହରରେ ଦେଖିବାକୁ ମିଳିଛି । ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପାର ଭୋଟହାର ଦ୍ୱିଗୁଣିତ ହେବା ପରେ ବିଜେଡି ଛାନିଆ ହୋଇଥିଲା। ୨୦୧୮ ମାର୍ଚ୍ଚ ମାସରେ ଯାଜପୁର ପୌରପରିଷଦର ୧୫୦ ବର୍ଷ ପୂର୍ତ୍ତି ପାଳିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ପୁନଃରୁଦ୍ଧାର ହୋଇଥିବା କୁସୁମା ପୋଖରୀକୁ ଲୋକାର୍ପଣ କରିଥିଲେ। ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ଏହି କୁସୁମା ପୋଖରୀର ପୁନଃରୁଦ୍ଧାର କାର୍ଯ୍ୟରେ କେତେ କୋଟି ଟଙ୍କା ଖର୍ଚ୍ଚ ହୋଇଛି ତାହା ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହି ଯାଇଛି । ସାଧାରଣ ଲୋକଙ୍କ ଟିକସ ଅର୍ଥରେ ସୌନ୍ଦର୍ଯ୍ୟକରଣ ହୋଇଥିବା କୁସୁମାର ଖର୍ଚ୍ଚ ସମ୍ବନ୍ଧରେ କୌଣସି ସୂଚନା ଫଳକ ଲାଗିନାହିଁ। ଫଳରେ ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଅନୁରୂପ ଭାବେ ସହରର ରାସ୍ତାଘାଟ ୨ ଥାକିଆ, ବରାହନାଥ ପ୍ରକଳ୍ପ, ବିରଜା ପାନ୍ଥଶାଳା, ହାଇଟେକ ବସଷ୍ଟାଣ୍ଡ ପ୍ରକଳ୍ପ, ବାରୁଣୀ ଶ୍ମଶାନ, ଏନ୍‌ସି କଲେଜର ଭିତ୍ତିଭୂମି ବିକାଶ, ଷଠିପୁରଠାରୁ ଯାଜପୁର ଓ ବରୁଆରୁ ଯାଜପୁରକୁ ୨ଥାକିଆ ରାସ୍ତା, ରୁଡ଼ିଆ କେନାଲର ପୁନରୁଦ୍ଧାର, ଷଠିପୁର ପର୍ଯ୍ୟଟନ ପ୍ରକଳ୍ପ ଭଳି ଅନେକ କାର୍ଯ୍ୟ ହୋଇଥିବା ଶାସକ ଦଳ ପକ୍ଷରୁ ଦାବି ହେଉଛି । ଏହିସବୁ ପ୍ରକଳ୍ପରେ ମଧ କୌଣସି ସୂଚନା ଫଳକ ଲାଗି ନାହିଁ । ରାସ୍ତା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଯୋଗୁ ଏବେ ଗେଟି, ବାଲି ଉଠି ଯାଉଥିବା ଦେଖିବାକୁ ମିଳିଛି । କେନାଲ କଂକ୍ରିଟ କାର୍ଯ୍ୟରେ ବ୍ୟାପକ ହରିଲୁଟ ଯୋଗୁ ସ୍ଥାନେସ୍ଥାନେ ଫାଟ ସୃଷ୍ଟି ହୋଇଛି । ଯାଜପୁର ବିଧାନସଭା କ୍ଷେତ୍ରରେ ଆବଣ୍ଟିତ ଅନୁଦାନର ସିଂହଭାଗ ଅର୍ଥ ଶାସକ ବିଜେଡି କର୍ମୀ ଓ ଠିକାଦାରଙ୍କ ଦ୍ୱାରା ବାଟମାରଣ ହୋଇଥିବାବେଳେ ପ୍ରଭାବଶାଳୀ ରାଜନେତା ଏହାକୁ ସୁରକ୍ଷା ଯୋଗାଇ ଦେଇ ଆସୁଛନ୍ତି । ଫଳରେ ଏହିସବୁ କାର୍ଯ୍ୟରେ ସୂଚନା ଫଳକ ଲଗାଇବାକୁ କେହି ସାହାସ ଜୁଟାଇ ପାରିନାହାନ୍ତି। ସେହିପରି ଯାଜପୁର ପୌର ପରିଷଦରେ ରାଜୀବ ଆବାସ ଯୋଜନାରେ ଆବଣ୍ଟିତ ଅନୁଦାନର ସୁଧ ପାଣ୍ଠିକୁ ମନଇଚ୍ଛା ବିନିଯୋଗ କରାଯାଇଥିବା ସିଏଜିରେ ଦର୍ଶାଯାଇଛି। ଏହି ଯୋଜନାର ସୁଧ ଅର୍ଥକୁ ମିଶାଇ ୪.୧୪ କୋଟି ଟଙ୍କାର ଟ୍ରାନ୍‌ଜିଟ ହାଉସ ନିର୍ମାଣ ହୋଇଛି। ହେଲେ ଏହି ଟ୍ରାନ୍‌ଜିଟ ହାଉସରେ କୌଣସି ହିତାଧିକାରୀ ଦିନେ ମଧ ବାସ କରି ନାହାନ୍ତି। ଏହି ଟ୍ରାନଜିଟ ହାଉସକୁ ପୌର ପରିଷଦ କର୍ତ୍ତୃପକ୍ଷ ଧନୀଶ୍ରେଣୀ ଲୋକଙ୍କୁ ମାର୍କେଟ କମ୍ପ୍ଲେକ୍ସ ଭାବେ ଟେକି ଦେଇଛି । ଏଥିପାଇଁ ଗତ ୨୦୧୭ ନଭେମ୍ବର ମାସ ୧ ତାରିଖରେ ଓଡିଶା ଗୃହ ଓ ନଗର ଉନ୍ନୟନ ମିଶନ (ଓୟୁଏଚଏମ)ର ଯୁଗ୍ମ ନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର ଏକ ସପ୍ତାହ ମଧ୍ୟରେ ରାଜୀବ ଆବାସ ଯୋଜନାର ୪.୧୪ କୋଟି ଟଙ୍କା ଫେରସ୍ତ କରିବାକୁ ଯାଜପୁର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହି ନିର୍ଦ୍ଦେଶକୁ କଳେବଳେ କୌଶଳେ ଚାପି ଦିଆଗଲା । ଚଳିତ ନିର୍ବାଚନରେ ବିରୋଧୀ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଏହି ସବୁ ଦୁର୍ନୀତିକୁ ନେଇ ଲୋକଙ୍କ ନିକଟରେ ପହଞ୍ଚି ପରିବର୍ତ୍ତନର ନାରା ଦେଉଥିବାବେଳେ ବିଜେଡି ପ୍ରାର୍ଥୀ ବିଧାନସଭା କ୍ଷେତ୍ରରେ ହୋଇଥିବା ବିକାଶକୁ ମୁଖ୍ୟ ପ୍ରସଙ୍ଗ କରୁଥିବା ଦେଖିବାକୁ ମିଳୁଛି।

**ବିକାଶକୁ ପାଥେୟ କରିଛି ବିଜେଡି**

### ପ୍ରଣବଙ୍କ ବାଇକ୍ ରାଲି

**ଧର୍ମଶାଳା, ଚଢ଼େଇଧରା, ୨୫।୪ (ଡି.ଏନ୍.ଏ.)**

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ୧୨ନଂ ଜୋନ୍‌ର ମଧୁପୁରଗଡ଼ ପଞ୍ଚାୟତ ପନ୍ତୁରୀ କାଠପୋଲଠାରୁ ଗୁରୁବାର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ବାଇକ ରାଲି କରିଛନ୍ତି। ଏହି ର୍‍ୟାଲି ପନ୍ତୁରୀ, ଭୁବନପୁର, କୁକୁଡ଼ାଖାଲି, ଅଣ୍ଡିଆ, ମହିସରା, ମଧୁପୁରଗଡ଼, କମାଗଡ଼, ଚାରଗୋଠ, ଜେନାପୁର, ବୃନ୍ଦାଦେଇପୁର, ସାହାଣିଡିହ, ରାମଚନ୍ଦ୍ରପୁର, ପୁରୁଣାବଉଳମାଳ, କୃଷ୍ଣପୁର, ଚଢ଼େଇଧରା, ବରଡା, ମହିଶରା, ସମ୍ପାରୁରେ ପହଞ୍ଚିଥିଲା। ଏହି ଅବସରରେ ପ୍ରଣବଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା କରାଯାଇଥିଲା। ଆଗାମୀ ନିର୍ବାଚନରେ ଦଳ ସପକ୍ଷରେ ଭୋଟ ଦେବା ପାଇଁ ର୍‍ୟାଲିରେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ବିଜେଡି ନେତା ଜଳଧର ମହାନ୍ତି, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରାଜକିଶୋର ମହାନ୍ତି, ନିର୍ମଳ ପ୍ରଧାନ, ପ୍ରହ୍ଲାଦ ଲେଙ୍କା, ଜଗଦିଶ୍ ଜେନାମଣି, ଜିଲା ପରିଷଦ ସଭ୍ୟା ପ୍ରଣତୀ ଲେଙ୍କା, ସରୋଜ ରାଉତ, ମନ୍ମଥ ପରିଡା, ବାବାଜୀ ଧଳଙ୍କ ସମେତ ୯ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇଥିଲେ।

## ଧର୍ମଶାଳା ନିର୍ବାଚନମଣ୍ଡଳୀ

# ବିଜେଡିକୁ ମାତ ଦେବାକୁ ବିକଳ୍ପ ଖୋଜୁଛନ୍ତି ବିରୋଧୀ

**ରସୁଲପୁର,୨୫।୪(ଡି.ଏନ୍.ଏ.)**

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀରେ ନିର୍ବାଚନ ତାତି ଶୀର୍ଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଏଠାରେ ତ୍ରିମୁଖୀ ଲଢେଇ ହେବ ବୋଲି କୁହାଯାଉଛି। ତିନିପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀମାନେ ନିଜର ଦମ୍ ଦେଖାଇବାକୁ ପ୍ରୟାସ ଜାରି ରଖିଛନ୍ତି। ଭୋଟରଙ୍କୁ ନିଜ ସପକ୍ଷରେ ଟାଣିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି । ଏଠାରେ ତ୍ରିକୋଣୀୟ ମୁକାବିଲା ହେବ ବୋଲି କୁହାଯାଉଛି। ତେବେ ପ୍ରଚାରପ୍ରସାରରେ ବିଜେଡି ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ଟିକେ ଆଗରେ ରହିଥିବା ଜଣାପଡ଼ିଛି। ମିଶ୍ରଣ ପର୍ବଠାରୁ ଆରମ୍ଭ କରି କର୍ମୀଙ୍କୁ ଏକାଠି କରିବାରେ ପ୍ରଣବ ବିରୋଧୀ ଭାଜପା ଓ କଂଗ୍ରେସଠାରୁ ଭଲ ସ୍ଥିତିରେ ରହିଥିବା ଆଲୋଚନା ହେଉଛି। ବିଜେଡିର ରଣନୀତି ବିରୋଧୀଙ୍କୁ ଏବେ ଚିନ୍ତାରେ ପକାଇଲାଣି। ଚଳିତ ନିର୍ବାଚନରେ ବିଜେଡିକୁ କିପରି ମାତ୍ ଦେଇ ହେବ ତାର ବିକଳ୍ପ ବ୍ୟବସ୍ଥା ବିରୋଧୀ ଖୋଜୁଛନ୍ତି। ଭୋଟ ଦାନ ଦିବସକୁ ଆଉ ମାତ୍ର ୩ଦିନ ବାକି ରହିଥିବାବେଳେ ଏତେ ସ୍ୱଳ୍ପ ସମୟରେ ବିଜେଡିର ପ୍ରଚାର ପ୍ରସାରରେ ରୋକ ଲଗାଇବାରେ ବିରୋଧୀ କେତେ ସଫଳ ହେବେ ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସମୟର ସ୍ୱଳ୍ପତା ଦୃଷ୍ଟିରୁ ସମସ୍ତ ଭୋଟରଙ୍କ ନିକଟରେ ପହଞ୍ଚିବା ସମ୍ଭବ ହେଉ ନ ଥିବାରୁ କର୍ମୀଙ୍କ ସହାୟତା ନେଉଛନ୍ତି ପ୍ରଣବ। ଅପରପକ୍ଷରେ ଭାଜପାର ଓ କଂଗ୍ରେସର ଗୋଷ୍ଠୀ କନ୍ଦଳ ପ୍ରାର୍ଥୀମାନଙ୍କ ପାଇଁ ଅଡୁଆ ହୋଇଛି। ଏଠାରେ ବିଜେଡିର ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ବୋଲି କୁହାଯାଉଥିବା ଭାଜପାର ଦୁର୍ବଳ ନେତୃତ୍ୱ ସମର୍ଥକଙ୍କୁ ହତାଶ କରିଛି। ଫଳରେ ବହୁ ଦଳୀୟ ନେତା ଓ କର୍ମୀ ବିଜେଡି ମୁହାଁ ହେଉଛନ୍ତି। ମିଶ୍ରଣ ପର୍ବ ଜରିଆରେ ବିଜେଡି ନିଜର ସ୍ଥିତିକୁ ସୁଦୃଢ କରିଥିବା ବେଳେ ଭାଜପାର ଅନ୍ତର୍କନ୍ଦଳ ଦଳ ପାଇଁ ଘାତକ ସାଜିଥିବା ଭଳି ମନେହେଉଛି । ଇତି ମଧ୍ୟରେ କଂଗ୍ରେସ ମଧ ଗୋଷ୍ଠି ବିବାଦରୁ ପଛରେ ପଡି ନାହିଁ। ଟିକେଟ ଦୌଡ଼ରୁ ବାଦ ପଡିଥିବା ନେତୃତ୍ୱଙ୍କ ସମର୍ଥନ ଦଳୀୟ ପ୍ରାର୍ଥୀ ସ୍ମୃତିରେଖା ପହିଙ୍କ ପଛରେ ଥିବା ଭଳି ଲାଗୁନି । ସ୍ମୃତିରେଖା ଏକଲା ଚଲୋ ନ୍ୟାୟରେ ବିଭିନ୍ନ ପଞ୍ଚାୟତ ବୁଲି ସମର୍ଥନ ଜୁଟାଇବାରେ ଲାଗି ପଡିଛନ୍ତି।

## ଦଳିତ ଯୁବତୀଙ୍କୁ ଗଣବଳାତ୍କାର ମାମଲା

# ମୋବାଇଲ୍ ଟ୍ରାକିଂରୁ ମୁଖ୍ୟ ଅଭିଯୁକ୍ତ ଗିରଫ

**ସୁକିନ୍ଦା/କାଳିଆପାଣି, ୨୫।୪(ଡି.ଏନ୍.ଏ.)**

ଯାଜପୁର ଜିଲା ସୁକିନ୍ଦା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଦୋକାନରୁ ବୁଧବାର ଉଠାଇନେଇ ଗଣବଳାତ୍କାର କରାଯିବା ମାମଲାରେ ପୋଲିସ ଗୁରୁବାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁକିନ୍ଦାଗଡ଼ର ସବ୍ୟସାଚୀ ବେହୁରା। ମୋବାଇଲ ଟ୍ରାକିଂ ଜରିଆରେ ଢେଙ୍କାନାଳ କପିଳାସ ଅଞ୍ଚଳରୁ ସବ୍ୟସାଚୀଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ବିଚିତ୍ରାନନ୍ଦ ସେଠୀ ସୂଚନା ଦେଇଛନ୍ତି। ଏଥିସହ ପୀଡ଼ିତା ଯୁବତୀଙ୍କ ଡାକ୍ତରୀମାଇନା କରାଯାଇଥିବାବେଳେ ଖୁବ୍‌ଶୀଘ୍ର ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେଠୀ କହିଛନ୍ତି।

ପ୍ରକାଶ ଯେ, ସୁକିନ୍ଦା ଥାନା ଅଞ୍ଚଳର ସମ୍ପୃକ୍ତ ଦଳିତ ଯୁବତୀ ବୁଧବାର ଅପରାହ୍ନରେ ତାଙ୍କ ଘର ନିକଟସ୍ଥ ଦୋକାନରେ ବସିଥିଲେ। ଅଭିଯୁକ୍ତ ସବ୍ୟସାଚୀ ସେଠାରେ ପହଞ୍ଚି ଯୁବତୀଙ୍କୁ ଚାକିରି ଦେବାର ପ୍ରଲୋଭନ ଦେଖାଇ ବୋଲେରୋରେ ଯାଜପୁରରୋଡ ଧବଳଗିରିସ୍ଥିତ ଘରୋଇ ଆଇଟିଆଇ କଲେଜ ପରିସରରେ ଥିବା ଏକ ଘରକୁ ନେଇଯାଇଥିଲେ। ସେଠାରେ ଜଣେ ସହଯୋଗୀଙ୍କ ସହ ମିଶି ଯୁବତୀଙ୍କୁ ଗଣବଳାତ୍କାର କରିଥିଲେ। ପରେ ଉକ୍ତ ବୋଲେରୋରେ ଯୁବତୀଙ୍କୁ ଆଣି ଦୋକାନ ନିକଟରେ ଛାଡ଼ିଦେଇଥିଲେ। ଏନେଇ କାହାରିକୁ ନ କହିବା ପାଇଁ ସମ୍ପୃକ୍ତ ଯୁବତୀଙ୍କୁ ଧମକ ମଧ ଦେଇଥିଲେ। ଏ ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ଯୁବତୀଙ୍କ ବାପା ରାତିରେ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏପରି କି ଏହି ଘଟଣାରେ ସୁକିନ୍ଦା ଅଞ୍ଚଳର ଜଣେ ପୂର୍ବତନ ମନ୍ତ୍ରୀଙ୍କ ଦୂର ସମ୍ପର୍କୀୟଙ୍କ ସମ୍ପୃକ୍ତି ରହିଥିବା ନେଇ ସେ ଦର୍ଶାଇଥିଲେ। ପୋଲିସ ପ୍ରଥମେ ଏତଲା ଗ୍ରହଣ କରି ନ ଥିଲା। ପରେ ସରପଞ୍ଚ ମନ୍ଦାକିନୀ ସେଠୀ, ପୂର୍ବତନ ସମିତିସଭ୍ୟା ପ୍ରତିଭା ଚକ୍ର, ସୁକିନ୍ଦା ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ସ୍ୱପ୍ନା ବେହୁରା ପ୍ରମୁଖ ଶତାଧିକ ଗ୍ରାମବାସୀ ଥାନାରେ ପହଞ୍ଚି ଏତଲାର ନକଲ ଦେବାକୁ ଦାବି କରିଥିଲେ। ଶେଷରେ ବାଧ ହୋଇ ପୋଲିସ ଆଇପିସି ଦଫା ୩୭୬(ଘ), ୩୬୩ ଏବଂ ଏସ୍‌ସିଏସ୍‌ଟି ଆକ୍ଟର ୩(ଖ)ରେ ଏକ ମାମଲା(୧୧୭/୨୦୧୯) ରୁଜୁ କରିବା ସହ ଏତାଲାର କପି ଅଭିଯୋଗକାରୀଙ୍କୁ ଦେଇଥିଲା। ଅପରପକ୍ଷେ ଏହି ଘଟଣାକୁ ନେଇ ଗୁରୁବାର ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦୀପ ବଳ ସାମନ୍ତ ଓ ତାଙ୍କ କନ୍ୟା ଯଜ୍ଞସ୍ମିତା ବଳଙ୍କ ନେତୃତ୍ୱରେ ସରପଞ୍ଚ ମନ୍ଦାକିନୀ ସେଠୀ, ପୁଷ୍ପକ ମହାପାତ୍ର, ମାନସ ମହାନ୍ତିଙ୍କ ସମେତ ଶତାଧିକ କର୍ମୀ ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଘେରାଉ କରିଥିଲେ। ଏହି ବଳାତ୍କାର ଘଟଣାରେ ସବ୍ୟସାଚୀଙ୍କ ସମେତ ପୂର୍ବତନ ମନ୍ତ୍ରୀଙ୍କ ସମ୍ପର୍କୀୟ ଜଡିତ ଥିବାରୁ ପୋଲିସ ଟାଳଟୁଳ ନୀତି ଅବଲମ୍ବନ କରିଥିବା ଅଭିଯୋଗ କରିଥିଲେ। ସୁକିନ୍ଦା ଥାନା ଆଇଆଇସି ବିଚିତ୍ରାନନ୍ଦ ସେଠୀ ଏବଂ ଉକ୍ତ ମାମଲାର ତଦନ୍ତ ଅଧିକାରୀ ଡିଏସ୍‌ପି ବିଜୟ କୁମାର ମଲ୍ଲିକ, କଳିଙ୍ଗନଗର ଅତିରିକ୍ତ ଏସ୍‌ପି ରାଜକିଶୋର ଦୋରା ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସବ୍ୟସାଚୀଙ୍କ ମୋବାଇଲକୁ ଟ୍ରାକ୍ କରି କପିଳାସ ଅଞ୍ଚଳରୁ ଗିରଫ କରିଛି। ଏହି ଘଟଣାକୁ କଂଗ୍ରେସ ନେତା ଶରତ ରାଉତ ଦୃଢ଼ନିନ୍ଦା କରିବା ସହ ଶାସକ ଦଳକୁ କଡ଼ା ସମାଲୋଚନା କରିଛନ୍ତି। ମାମଲାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି।

**ଅଭିଯୁକ୍ତ ତାଲିକାରେ ପୂର୍ବତନ ମନ୍ତ୍ରୀଙ୍କ ସମ୍ପର୍କୀୟଙ୍କ ନାମ**



ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଘେରାଉ କରିଥିବା ମହିଳା।

# ପ୍ରାର୍ଥୀଙ୍କ ମାରାଥନ ପ୍ରଚାର



ସମର୍ଥକଙ୍କ ଗହଣରେ ପ୍ରଚାର କରୁଛନ୍ତି ଭାଜପା ପ୍ରାର୍ଥୀ ଗୌତମ ରାୟ।

**ଯାଜପୁର ଟାଉନ,୨୫।୪(ଡି.ଏନ.ଏ)–**

ଶେଷ ପର୍ଯ୍ୟାୟରେ ନିର୍ବାଚନ ପ୍ରଚାର ପହଞ୍ଚିବାକୁ ଥିବାରୁ ବିଭିନ୍ନ ଦଳର ପ୍ରାର୍ଥୀ ସେମାନଙ୍କ ପ୍ରଚାର ଜୋରଦାର କରିଛନ୍ତି। ପ୍ରାର୍ଥୀମାନେ ବାଇକ୍ ରାଲିରୁ ଆରମ୍ଭ କରି ରୋଡ ଶୋ ଓ ପଥପ୍ରାନ୍ତ ସଭା ଆୟୋଜନ କରି ଶକ୍ତି ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି। ଡ଼ାକବାଜି ଯନ୍ତ୍ରରେ ପ୍ରଚାର ପ୍ରସାର ସାଙ୍ଗକୁ ଗାଁ ଗହଳିରେ ଥିବା ଛକବଜାରରେ ଅସ୍ଥାୟୀ ଦଳୀୟ କାର୍ଯ୍ୟାଳୟ ପରିବେଶକୁ ବେଶ୍ ସରଗରମ କରିଛି। ଏହି ପରିପ୍ରେକ୍ଷୀରେ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଗୌତମ ରାୟ ଦଶରଥପୁର ବ୍ଲକ ୪ନମ୍ବର ଜିଲା ପରିଷଦ ଜୋନ୍ ଖଣ୍ଡରା ଓ ଚିତାଳୋରେ ଶତାଧିକ ଦଳୀୟ ସମର୍ଥକଙ୍କ ସହ ଏକ ବାଇକ୍ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଗୌତମଙ୍କ ଏହି ପ୍ରଚାରରେ ପଞ୍ଚାୟତର ଯୁବ ଓ ମହିଳାଙ୍କ ଭାଗିଦାରୀ ଅଧିକ ଥିବା ଦେଖିବାକୁ ମିଳିଥିଲା। ସେହିପରି ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ଏମ୍‌ପି ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ ଯାଜପୁର ବ୍ଲକ ପଣସା, ଚଇନପୁର, ମାଳଆନ୍ଦପୁର ପଞ୍ଚାୟତରେ ବିଜେଡି ପକ୍ଷରୁ ମାରାଥନ୍ ବାଇକ ରାଲି କରି ପ୍ରଚାର କରାଯାଇଥିଲା। ପଣସା ପଞ୍ଚାୟତର ବଳିଘାଇ ପଡ଼ିଆ ଠାରୁ ଏହି ବାଇକ ଶୋଭାଯାତ୍ରା ଆରମ୍ଭ ହୋଇ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ବିଜେଡି ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଥିଲେ।

# ଟୁଟୁଙ୍କ ପଦଯାତ୍ରାରେ ଶତାଧିକ ମହିଳା

**କାଳିଆପାଣି,୨୫।୪(ଡି.ଏନ୍.ଏ.)**

ସୁକିନ୍ଦା ପଞ୍ଚାୟତ ସୁକିନ୍ଦାଗଡ଼ରେ ଗୁରୁବାର ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ(ଟୁଟୁ) ସମର୍ଥକଙ୍କ ସହିତ ପଦଯାତ୍ରା କରିଛନ୍ତି। ସୁକିନ୍ଦା ଜଗନ୍ନାଥ ମନ୍ଦିର ପରିସରରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ସୁକିନ୍ଦାଗଡ଼ ପଞ୍ଚାୟତର ବିଭିନ୍ନ ସାହି ମଧ ଦେଇ ଗତି କରିଥିଲା। ଏହି ଅବସରରେ ଟୁଟୁଙ୍କ ସହ ଶତାଧିକ ମହିଳା ଯୋଗଦେଇ ନିଜର ପ୍ରିୟ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ପ୍ରଦୀପ ଉଭୟ ଏମ୍‌ପି ପ୍ରାର୍ଥୀ ଅମୀୟ ମଲ୍ଲିକ ଏବଂ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଆସନ୍ତା ୨୭ ତାରିଖ ଦଳର ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହଙ୍କ ସୁକିନ୍ଦା ଗସ୍ତରେ କାର୍ଯ୍ୟକ୍ରମ ରହିଥିବାବେଳେ ଟୁଟୁଙ୍କ ସୁକିନ୍ଦାଗଡ଼ ପଞ୍ଚାୟତରେ ପଦଯାତ୍ରା ସ୍ଥାନୀୟ ଅଞ୍ଚଳରେ ବିଶେଷ ପ୍ରଭାବ ସୃଷ୍ଟି କରିଥିବା ଚର୍ଚ୍ଚା ହେଉଛି। ଯୁବ ଭାଜପା ନେତା ତଥା ମଣ୍ଡଳ ସଭାପତି ପୁଷ୍ପକ ମହାପାତ୍ର, ମଞ୍ଜୁର ଅଲ୍ଲୀ, ରମଣୀ ରଞ୍ଜନ ବଳସାମନ୍ତ, ରାଜକିଶୋର ଜେନା, ସୁକିନ୍ଦାଗଡ଼ ସରପଞ୍ଚ ତଥା ଜିଲା ଭାଜପା ମହିଳା ଉପସଭାପତି ମନ୍ଦାକିନୀ ସେଠୀ, ସମିତି ସଭ୍ୟ ରଜନୀ ନାୟକ, ପ୍ରତିଭା ଚକ୍ର, ରୀନାରାଣୀ ମଲ୍ଲିକଙ୍କ ସମେତ ବହୁ କର୍ମକର୍ତ୍ତା ଓ ସମର୍ଥକ ପଦଯାତ୍ରାରେ ଯୋଗଦେଇଥିଲେ।



ପଦଯାତ୍ରାରେ ସାମିଲ ହୋଇଥିବା ସମର୍ଥକ।

## ଥାନାରୁ ଅଭିଯୁକ୍ତ ଫେରାର ଘଟଣା

# ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତ ଗିରଫ

**ବିଞ୍ଝାରପୁର,୨୫।୪(ଡି.ଏନ୍.ଏ.)**

ବିଞ୍ଝାରପୁର ପୋଲିସ ଥାନା ପରିସରରୁ ବଳାତ୍କାର ମାମଲାରେ ଫେରାର ଅଭିଯୁକ୍ତଙ୍କୁ ଗୁରୁବାର ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ଫତେପୁର ପଞ୍ଚାୟତ ବଂଶିପୁର ଗ୍ରାମର ଅକ୍ଷୟ ଜେନା(୨୨)। ଗତ ସୋମବାର ବିଳମ୍ବିତ ରାତିରେ ଅକ୍ଷୟଙ୍କୁ ପୋଲିସ ଏକ ବଳାତ୍କାର ମାମଲାରେ ଗିରଫ କରିଥିଲା। ହେଲେ ସେ ମଙ୍ଗଳବାର ଥାନା ପରିସରରୁ ଫେରାର ହୋଇଯାଇଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚହଳ ସୃଷ୍ଟି କରିଥିଲା। ଘଟଣାର ୪୮ ଘଣ୍ଟା ମଧ୍ୟରେ ଥାନା ଅଧିକାରୀ ଶିବଚରଣ ବେହେରା ଗୁରୁବାର ଅପରାହ୍ନରେ କୌଣସି ସୂତ୍ରରୁ ଖବର ପାଇ ସିଂହପୁର ଅଞ୍ଚଳରୁ ତାଙ୍କୁ ଗିରଫ କରିଥିଲେ। ତେବେ ଏହି ଘଟଣାରେ ସମ୍ପୃକ୍ତ କେତେଜଣ ସ୍ୱାର୍ଥନିଷ୍ଠ ନେତାଙ୍କ ଅସଲ ଗୁମର ଫିଟିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି। ଏହି ଘଟଣା ସମ୍ପର୍କରେ ବିଞ୍ଝାରପୁର ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ କାରାଯାଇ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଚଢାଉରରେ ଥାନା ଅଧିକାରୀ ସମେତ ପୂର୍ଣ୍ଣ ଚନ୍ଦ୍ର ସାହୁ, ପ୍ରମୋଦ କୁମାର ଭଞ୍ଜ, ନିର୍ମଳ କୁମାର ସାହୁ, ତ୍ରିଲୋଚନ ବେହେରା, ପ୍ରାଶାନ୍ତ ସେନାପତି ପ୍ରମୁଖ ସାମିଲ ଥିଲେ। । ପ୍ରକାଶ ଯେ, ରବିବାର ଅପରାହ୍ନରେ ସିଂହପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ଅକ୍ଷୟ ବଳାତ୍କାର ଉଦ୍ୟମ କରିଥିବା ନେଇ ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୮୫/୧୯) ରୁଜୁ କରି ଅକ୍ଷୟଙ୍କୁ ଗିରଫ କରିଥିଲା।

**ବଳାତ୍କାର ମାମଲାରେ ଗିରଫ ହୋଇଥିଲେ**



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
- ସନ୍ଥ କବୀର ଦାସ

Volume : 01, Episode : 06

ବିକାଶ ପାଇଁ ଦରକାର, ସ୍ଥିର ସରକାର




ଶଙ୍ଖ ଚିହ୍ନରେ ଭୋଟ୍ ଦେବା । ଦୁଇ ଥର । ଥରେ ଏମ୍.ପି ପାଇଁ ଥରେ ଏମ୍.ଏଲ୍.ଏ ପାଇଁ
to be continued .. ..

## ସଂକ୍ଷେପରେ

### ଭାଜପା ପ୍ରାର୍ଥୀ ଅମରଙ୍କ ଶୋଭାଯାତ୍ରା

**ଛତିଆ,୨୫।୪(ଡି ଏନ୍ ଏ):** ବଡଚଣା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଅମର ନାୟକ ଗୁରୁବାର ଛତିଆ ଅଞ୍ଚଳରେ ୩ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବାଇକ୍ ଶୋଭାଯାତ୍ରା କରିଛନ୍ତି। ଉକ୍ତ ଶୋଭାଯାତ୍ରା ଛତିଆ ପଞ୍ଚାୟତର ମା' ବୁଢେଇ ପୀଠରୁ ବାହାରି ବିଦ୍ୟାଧରପୁର ନେଳିଆ ରଙ୍ଗିଦାସପୁର, ପଦ୍ମଲାଭ ପୁର, ଶୁକଦେଇପୁର, ଗୋପପୁର, ଛତିଆ, ରାମପୁର, ପାଟଣା, ଚମ୍ପାପୁର, ସପନପୁର, ରଘୁଦାସପୁର ଆଦି ଗ୍ରାମ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ଛତିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ରମେଶ ପୃଷ୍ଟିଙ୍କ ନେତୃତ୍ୱରେ ବହୁସଂଖ୍ୟାରେ ଭାଜପା କର୍ମୀ ଯୋଗଦେଇ ଏକ ବିରାଟ ବାଇକ୍ ଶୋଭାଯାତ୍ରା କରି ଅମର ନାୟକଙ୍କୁ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସେହିପରି ଏହି ବ୍ଲକ କୁନ୍ଦଳ ଓ ସୁଙ୍ଗୁଡ଼ା ପଞ୍ଚାୟତର ବିଭିନ୍ନ ଗାଁ ପରିକ୍ରମା କରି ସେ ଭୋଟ ଭିକ୍ଷା କରିଥିଲେ। ତାଙ୍କ ସହ ପୂର୍ବତନ ଏମପି ମୋହନ ଜେନା, ପ୍ରାକ୍ତନ ଜିଲାପରିଷଦ ସଭ୍ୟ ରମାକାନ୍ତ ରାଉତ, ଯୁବନେତା ପ୍ରମୋଦ ଜେନା, ଧିରେନ୍ଦ୍ର ରାଉତ, ପୂର୍ବତନ ସରପଞ୍ଚ ଅକ୍ଷୟ ସ୍ୱାଇଁ ପ୍ରମୁଖ ବହୁ ବ୍ୟକ୍ତି ଏହି ପ୍ରଚାରରେ ସାମିଲ ହୋଇଥିଲେ। ଏହି ଅବସରରେ କୁନ୍ଦଳ ଓ ସୁଙ୍ଗୁଡ଼ା ପଞ୍ଚାୟତର କେତେଜଣ ଆଗଧାଡ଼ିର ବିଜେଡି କର୍ମୀଙ୍କୁ ଭାଜପାରେ ସାମିଲ କରାଇଥିଲେ।

### ବିଜେଡି ପ୍ରାର୍ଥୀ ଅମର, ଶର୍ମିଷ୍ଠାଙ୍କ ଗ୍ରାମ ପରିକ୍ରମା

**ଚଣ୍ଡିଖୋଲ,୨୫।୪(ଡି.ଏନ.ଏ):** ଚଳିତ ନିର୍ବାଚନରେ ବିଜେଡି ଓ ଭାଜପା ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଥିବାରୁ ବଡ଼ଚଣା ବିଜେଡି ପ୍ରାର୍ଥୀ ତଥା ବିଧାୟକ ଅମର ପ୍ରସାଦ ଶତପଥୀ ତାଙ୍କ ନିର୍ବାଚନ ପ୍ରଚାରକୁ ଜୋରଦାର କରିଛନ୍ତି। ସେ ଗୁରୁବାର ଅରଖପୁର ଓ ରାଧାଦେଇପୁର ପଞ୍ଚାୟତର ଘରଘର ବୁଲି ପ୍ରଚାର କରିଥିଲେ। ବିଜୁ ଜନତା ଦଳର ସରକାର ସମୟରେ ହୋଇଥିବା ବିଭିନ୍ନ ଯୋଜନା ଏବଂ ନବୀନ ପଟ୍ଟନାୟକଙ୍କ ପ୍ରତି ସାଧାରଣ ଲୋକଙ୍କର ଥିବା ଭଲପାଇବା ଏବଂ ମହିଳାଙ୍କର ବିକାଶ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସେ ଭୋଟରଙ୍କୁ ବୁଝାଇ ଭୋଟ ଦେବାକୁ ନିବେଦନ କରିଥିଲେ। ତାଙ୍କ ସହ ଏମ୍‌ପି ପ୍ରାର୍ଥୀ ଶର୍ମିଷ୍ଠା ସେଠୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା, ବଡ଼ଚଣା ବିଜୁ ଜନତା ଦଳ ସଭାପତି ଅରବିନ୍ଦ ସାମଲ, ଯୁବ ବିଜେଡ଼ି ସଭାପତି ଗଣେଶ୍ୱର ବରାଳ ଓ ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ନାୟକଙ୍କ ସମେତ ବହୁ ବ୍ୟକ୍ତି ଏହି ପ୍ରଚାରରେ ସାମିଲ ହୋଇଥିଲେ। ଏହି ଅବସରରେ ବନ୍ଧାପ୍ରଦ୍ମନାଭପୁରରେ ଏକ ନିର୍ବାଚନୀ ସଭା ସାରଦା ପ୍ରସନ୍ନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା।

### ଅଷ୍ଟପ୍ରହର ନାମଯଜ୍ଞ

**କୋରେଇ,୨୫।୪(ସ୍ୱ.ପ୍ର):** କୋରେଇ ବ୍ଲକ ଅନ୍ତର୍ଗତ ଦୁଲାଖାପାଟଣାସ୍ଥିତ ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ରାଧାରମଣ ଦେବଙ୍କ ଅଷ୍ଟମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ସଂକୀର୍ତ୍ତନ ଉତ୍ସବ ୩ଦିନ ବ୍ୟାପୀ ଆନନ୍ଦ ଉଲ୍ଲାସରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିବସ ସୋମବାର ଶୁଭାଧିବାସ, ଦ୍ୱିତୀୟ ଦିବସ ମଙ୍ଗଳବାର ନାମଯଜ୍ଞ ଓ ତୃତୀୟ ଦିବସ ବୁଧବାର ନଗରଭ୍ରମଣ ପରେ ସନ୍ଧ୍ୟାରେ ଦଧିଭାଣ୍ଡ ଭଙ୍ଗା ଯାଇ ନାମଯଜ୍ଞକୁ ଉଦ୍‌ଯାପିତ କରାଯାଇଥିଲା। ଏହି ନାମଯଜ୍ଞରେ ଆଖପାଖ ଅଞ୍ଚଳରୁ ବହୁ କୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ ଗାନ କରିଥିଲେ । ଏଥିରେ ବହୁ କୀର୍ତ୍ତନ ପ୍ରେମୀ ଯୋଗ ଦେଇଥିଲେ।

## କୋରେଇରେ ଭାଙ୍ଗୁଛି ବିଜେଡି ଦୁର୍ଗ

# ପ୍ରଚାରବେଳେ ବିଜେଡି ପ୍ରାର୍ଥୀଙ୍କୁ ବିରୋଧ

**କୋରେଇ/ଯାଜପୁର ରୋଡ଼, ୨୫।୪(ସ୍ୱ.ପ୍ର./ନି.ପ୍ର.)**

- ବିଜେଡି ଛାଡ଼ି କଂଗ୍ରେସରେ ମିଶିଲେ କର୍ମୀ
- ଅଶୋକ ବଳଙ୍କୁ ଗାଁରେ ପୂରାଇ ଦେଲେନି ଗ୍ରାମବାସୀ

ସାଧାରଣ ନିର୍ବାଚନକୁ ମାତ୍ର ୩ଦିନ ବାକି ରହିଛି। ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି, ବିଜେଡିରେ ଅନ୍ତର୍ଦ୍ୱନ୍ଦ୍ୱ ସେତିକି ବଢୁଥିବା ପରିଲକ୍ଷିତ ହୋଇଛି। କୋରେଇ ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ଦିନକୁ ଦିନ ନିଜ ଗଡ଼ ସମ୍ଭାଳିବାରେ ଅସଫଳ ହେଉଥିବା ଦେଖିବାକୁ ମିଳିଛି। ଅନେକ ବିଜେଡି କର୍ମୀ ଦଳ ଛାଡ଼ି ଅନ୍ୟ ଦଳରେ ମିଶୁଥିବାବେଳେ ଆଉ କେଉଁଠାରେ ବିଜେଡି ପ୍ରାର୍ଥୀଙ୍କୁ ପ୍ରଚାର ସମୟରେ ବିରୋଧର ସମ୍ମୁଖୀନ ହେବାକୁ ପଡୁଥିବା ପରିଲକ୍ଷିତ ହେଉଛି। କୋରେଇ ପଞ୍ଚାୟତ ସମିତି କନ୍ତୋର ପଞ୍ଚାୟତର ସମିତି ସଭ୍ୟ ଅଶୋକ କୁମାର ବାରିକ କୋରେଇ ବିଧାୟକ ଆକାଶ ଦାଶନାୟକଙ୍କ ଦୃଢ ସମର୍ଥକ ଭାବେ ଜଣାଶୁଣା। ଗୁରୁବାର ପୂର୍ବାହ୍ନରେ ସେ ବିଜୁ ଜନତା ଦଳ ଛାଡ଼ି ବିଧାୟିକା ପ୍ରାର୍ଥୀ ବନ୍ଦିତା ପରିଡାଙ୍କ ନେତୃତ୍ୱକୁ ଗ୍ରହଣ କରି କଂଗ୍ରେସରେ ଯୋଗଦାନ କରିଛନ୍ତି। ସାଦକପୁର ସରପଞ୍ଚ ରଶ୍ମିରେଖା ଗାହାଣ କଂଗ୍ରେସ ସମର୍ଥନରେ ଜିତିଥିବାବେଳେ ଗତ ୧୩ ତାରିଖରେ ନବୀନ ନିବାସରେ ବିଜେଡିରେ ଯୋଗଦାନ କରିଥିଲେ। ଏହାପରେ ସାଦକପୁର ବିଜେଡିରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିଥିଲା। ଏହା ଫଳରେ ଗୁରୁବାର ୨୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ କଂଗ୍ରେସରେ ଯୋଗଦାନ କରିଛନ୍ତି। ଅପରପକ୍ଷରେ ବୁଧବାର ସନ୍ଧ୍ୟାରେ ବିଜେଡି ବିଧାୟକ ପ୍ରାର୍ଥୀ ଅଶୋକ ବଳ ଲୋକଙ୍କ ତୀବ୍ର ବିରୋଧର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ବଳ ବ୍ୟାସନଗର ପୌରପରିଷଦର ଚାନ୍ଦମା ଗ୍ରାମକୁ ପ୍ରଚାର କରିବାକୁ ଯାଇଥିବାବେଳେ ଗ୍ରାମବାସୀ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଗ୍ରାମରେ ପ୍ରବେଶ କରାଇ ଦେଇ ନ ଥିଲେ।


ବିଜେଡି ଓ ଭାଜପା କର୍ମୀ କଂଗ୍ରେସରେ ସାମିଲ ହେଉଛନ୍ତି।

କୋରେଇ ବିଜୁ ଜନତା ଦଳର ଗଡ଼ ଭାବେ ପରିଚିତ। ରସୁଲପୁର ବ୍ଲକର ୯ ପଞ୍ଚାୟତରୁ ବିଜେଡି ପ୍ରାର୍ଥୀ ୧୦ରୁ ୧୨ହଜାର ଭୋଟ ଅଧିକ ପାଇବାର ଦେଖିବାକୁ ମିଳିଥାଏ। କିନ୍ତୁ ଏଥର ବିଜେଡି ପ୍ରାର୍ଥୀଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡୁଥିବାବେଳେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର ଜମୁଥିବା ଦେଖିବାକୁ ମିଳୁଛି। ଗୁରୁବାର ପୂର୍ବାହ୍ନରେ ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକ ଏହି ୯ ପଞ୍ଚାୟତରେ ଏକ ମୋଟର ସାଇକେଲ ଶୋଭାଯାତ୍ରା କରିଥିଲେ। ଶୋଭାଯାତ୍ରାରେ ଦୁଇ ହଜାରୁ ଊର୍ଦ୍ଧ୍ୱ ମୋଟର ସାଇକେଲ ଥିବା ଓ ଏଥିରେ ଆକାଶଙ୍କ ସମର୍ଥିତ ବିଜେଡି କର୍ମୀ ବହୁମାତ୍ରାରେ ଥିବା ପରିଲକ୍ଷିତ ହୋଇଥିଲା। ଯାହାକି ବିଜେଡିର ଭୋଟବ୍ୟାଙ୍କ ଉପରେ ଗଭୀର ପ୍ରଭାବ ପଡ଼ିବବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଦିନକୁ ଦିନ କୋରେଇ ବିଜେଡିରେ ଗୋଷ୍ଠୀ କନ୍ଦଳ ଉପଶମ ହେବା ବଦଳରେ ଦୁଇ ୩ଟି ଗୋଷ୍ଠୀରେ ପରିଣତ ହୋଇ ବିଧାୟକ ପ୍ରାର୍ଥୀଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ପ୍ରଚାର ବଦଳରେ ବିଧାୟକ ପ୍ରାର୍ଥୀ ପଞ୍ଚାୟତ ବୁଲି ଗୋଷ୍ଠୀକନ୍ଦଳ ସମାଧାନ କରିବାକୁ ଚେଷ୍ଟା କରୁଥିବାବେଳେ ଭାଜପା ଓ କଂଗ୍ରେସ ଲୋକଙ୍କ ପାଖରେ ପହଞ୍ଚି ଘର ଘର ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳିଛି।

## ସୁନନ୍ଦାଙ୍କ ମାରାଥନ ପ୍ରଚାର

**ସିଂହପୁର,୨୫।୪(ଡିଏନଏ)**

ନିର୍ବାଚନ ଆଉ ୩ଦିନ ବାକି ଥିବାବେଳେ ପ୍ରାର୍ଥୀମାନେ ଜୋରଦାର ପ୍ରଚାର ଚଳାଇଛନ୍ତି। ବରୀ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ସୁନନ୍ଦା ଦାସ ଗୁରୁବାର ସମର୍ଥକଙ୍କ ସହ ମଧୁସୂଦନପୁର ଓ ଅଙ୍ଗାଳୋ ପଞ୍ଚାୟତରେ ରୋଡ ଶୋ କରି ନିଜ ପତିଆରା ଜାହିର କରିବା ସହ ବିଜେଡି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଭୋଟରଙ୍କୁ କହି ଭୋଟ ଭିକ୍ଷା କରିଛନ୍ତି। ଏହି ରାଲିରେ ମଧୁସୂଦନପୁର ସରପଞ୍ଚ ଆଦରମଣି ସାମଲ, ସମିତି ସଭ୍ୟା ସୁମିତ୍ରା ଦାସ, ପୂର୍ବତନ ସରପଞ୍ଚ ପ୍ରମୋଦ ସାମଲ, ରବୀନ୍ଦ୍ର ଦାସ, ତପନ ରାଉତ, ଚିନ୍ତାମଣି ସାମଲ, ରତ୍ନାକର ବାରିକ, ଗୁରୁଚରଣ ରାଉତ, ହେମନ୍ତ ଦାସ, ଉପେନ୍ଦ୍ର ନାୟକ, ଚିନ୍ମୟ ଧଳ, ସଚ୍ଚିଦାନନ୍ଦ ବାରିକ, ପବିତ୍ର ମୋହନ ପଲେଇ, ଦେବେନ୍ଦ୍ର ସାମଲ, ଉପେନ୍ଦ୍ର ଦାସ, ବସନ୍ତ ରାଉତ, ହେମନ୍ତ ଦାସ, ବିଶ୍ୱରଞ୍ଜନ ପୁହାଣଙ୍କ ସମେତ ଯୁବବାହିନୀ ସଦସ୍ୟ ଓ ବହୁ ବିଜେଡି କର୍ମୀ ସାମିଲ ଥିଲେ।

## ବିଭିନ୍ନ ପଞ୍ଚାୟତରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ରସୁଲପୁର,୨୫।୪(ଡିଏନଏ)**

ରସୁଲପୁର ବ୍ଲକର ୨୮ ପଞ୍ଚାୟତରୁ କୁଆଖିଆ ଥାନା ଅଧୀନରେ ଥିବା ୧୮ଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଦିଗରେ ଗୁରୁତ୍ୱ ପ୍ରଦାନ କରି ପୋଲିସ ଏଭଳି ପଦକ୍ଷେପ ନେଉଥିବା କୁହାଯାଉଛି।

ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସହକାରୀ ପୋଲିସ ଅଧିକାରୀ ଦିଲୀପ କୁମାର କାଣ୍ଡିଙ୍କ ସହ ଏକ ପ୍ଲାଟୁନ ପୋଲିସ ଫୋର୍ସ କୋରେଇ ଓ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରିଥିଲେ। ଗୁରୁବାର କୋରେଇ ନିର୍ବାଚନ ମଣ୍ଡଳୀର ଗନ୍ଧଣ ଓ ବଡକଇଁଚି ପଞ୍ଚାୟତର ମଧୁବନ ହାଟ, ଡାକ୍ତରଖାନା ଛକ, ଧର୍ମଶାଳା ନିର୍ବାଚନମଣ୍ଡଳୀର ନଠୁଆବର, ରାହାମ୍ବା, ଚଣ୍ଡିପୁର ପ୍ରଭୃତି ଅଞ୍ଚଳରେ ପୋଲିସ ବାହିନୀ ପହଞ୍ଚି ସ୍ଥିତି ପରଖି ଥିଲେ। ଏହି ଅବସରରେ ପୋଲିସ ବାହିନୀ ବିଭିନ୍ନ ସ୍ଥାନରେ ଥିବା ଭୋଟ ଗ୍ରହଣ କେନ୍ଦ୍ରର ସ୍ଥିତିକୁ ଯାଞ୍ଚ କରିଥିଲେ। ମାତ୍ର ଛକ ବଜାରରେ ପୋଲିସ ବାହିନୀର ଉପସ୍ଥିତିକୁ ଦେଖି ସାଧାରଣ ଲୋକେ ଓ ବ୍ୟବସାୟୀଙ୍କ ମନରେ ଭୟ ଉପୁଜିଥିଲା। ସାଧାରଣ ଲୋକେ ପୋଲିସ ଉପସ୍ଥିତିର ବାସ୍ତବ ଉଦ୍ଦେଶ୍ୟ ବୁଝିବାରେ ବିଫଳ ହୋଇଥିଲେ। ଫଳରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ବନ୍ଦ ହୋଇଯିବା ସହ ବଜାର ଶୂନଶାନ ହୋଇଯାଇଥିବା ପରିଲକ୍ଷିତ ହୋଇଥିଲା।


କୁଆଖିଆ ଥାନା ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି।

**ରସୁଲପୁର ବ୍ଲକ**

## ପ୍ରଣବଙ୍କ ପାଇଁ ଏସ୍‌ଏଚ୍‌ଜି ମହିଳାଙ୍କ ପ୍ରଚାର

**ଯାଜପୁର ଟାଉନ,୨୫।୪(ଡି.ଏନ.ଏ)**

ଯାଜପୁର ପୌରାଞ୍ଚଳରେ ବିଭିନ୍ନ ୱାର୍ଡରେ ଏସ୍‌ଏଚ୍‌ଜି ଗ୍ରୁପ୍‌ର ମହିଳାମାନେ ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ପାଇଁ ପ୍ରଚାର ଜୋରଦାର କରିଥିବା ଗୁରୁବାର ଦେଖିବାକୁ ମିଳିଥିଲା। ଏହି ପୌରାଞ୍ଚଳର ୧୮ଟି ୱାର୍ଡରେ ଗଠନ ହୋଇଥିବା ଶହ ଶହ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ରାଲି କରି ୱାର୍ଡ ପରିକ୍ରମା କରିଥିଲେ। ଭୋଟରଙ୍କୁ ଭେଟି ବିଜେଡି ପ୍ରାର୍ଥୀ ସପକ୍ଷରେ ଭୋଟ୍ ଦେବା ପାଇଁ ନିବେଦନ କରିବା ସହ ପୁସିଂ କାର୍ଡ ପ୍ରଦାନ କରିଥିଲେ। ପୂର୍ବତନ ଉପନଗରପାଳ ବିଜୟ କୁମାର ମହାନ୍ତି, ସନ୍ତୋଷ କୁମାର ମଲ୍ଲିକ, ପୂର୍ବତନ କାଉନସିଲର ପଞ୍ଚାନନ ସନ୍ଧିବିଗ୍ରହ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ନିର୍ଦ୍ଧାରିତ ସମୟ ପୂର୍ବରୁ ମ୍ୟାଟେରିଆଲ୍ସ ସଂଗ୍ରହ କରିବାକୁ ପୋଲିଂ ପାର୍ଟିଙ୍କୁ ପରାମର୍ଶ

**ଯାଜପୁର ଟାଉନ,୨୫।୪(ଡି.ଏନ.ଏ)**

ଜିଲାର ଗୋଟିଏ ଲୋକସଭା ଓ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସମସ୍ତ ପୋଲିଂ ପାର୍ଟିଙ୍କୁ ଆସନ୍ତା ୨୭ତାରିଖ ବୁଥଗୁଡ଼ିକୁ ପଠାଯିବ। ଏହିଦିନ ସକାଳ ୮ଟାରୁ ଏନ୍.ସି. କଲେଜରୁ ପୋଲିଂ ପାର୍ଟିଙ୍କୁ ନିର୍ଦ୍ଧାରିତ ବୁଥ୍‌କୁ ପଠାଯିବାର ବ୍ୟବସ୍ଥା କରାଯାଇଛି। ପୋଲିଂ ପାର୍ଟିମାନେ ସମସ୍ତ କାଗଜପତ୍ରକୁ ସଂଗ୍ରହ, ତନଖି ଓ ଇଭିଏମ୍ ଭିଭିପାଟ୍ ମେଶିନକୁ ମଧ୍ୟ ଅନୁଧ୍ୟାନ କରିବେ। ପରେ ତାହାକୁ ଉଦ୍ଦିଷ୍ଟ ବୁଥ୍‌କୁ ସମ୍ପୂର୍ଣ୍ଣ ପୋଲିଂ ପାର୍ଟି ଓ ସୁରକ୍ଷାକର୍ମୀଙ୍କ ସହ ପଠାଯିବ। ବୁଥ୍‌ରେ ଭୋଟ ବ୍ୟବସ୍ଥା ପାଇଁ ପୋଲିଂ ଅଫିସରଙ୍କର ସିଟ୍ ଅନୁଯାୟୀ କୋଠରୀ ପ୍ରସ୍ତୁତ, ଏଜେଣ୍ଟଙ୍କ ବସିବା ପାଇଁ ସ୍ଥାନ ବ୍ୟବସ୍ଥା କରିବା ଇତ୍ୟାଦି କାର୍ଯ୍ୟଗୁଡ଼ିକୁ ପୋଲିଂ ଅଫିସରମାନେ ସମ୍ପୂର୍ଣ୍ଣ କରିବେ। ଅପରପକ୍ଷରେ ମତଦାନ ପୂର୍ବାହ୍ନ ୭ଟାରୁ ଆରମ୍ଭ ହେଉଥିଲେ ମଧ୍ୟ ମକ୍ ପୋଲ୍ ଓ ଅନ୍ୟ ସିଲିଂ ବ୍ୟବସ୍ଥା ଥିବାରୁ ସକାଳ ୫ଟା ୩୦ରୁ ପୋଲିଂ ପାର୍ଟି ବୁଥ୍‌ର କାର୍ଯ୍ୟ ଆରମ୍ଭ କରିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଚଳିତଥର ଇଭିଏମ୍ ସହ ଭିଭିପାଟ୍‌ବ୍ୟବସ୍ଥାର ସଂଯୋଗ ତଥା ସର୍ବନିମ୍ନ ୫୦ଟି ଭୋଟ୍ ମକ୍ ପୋଲରେ କରାଯିବାର ବ୍ୟବସ୍ଥା ରହିଛି। ଏପରିକି ନିର୍ଦ୍ଧାରିତ ସମୟ ମଧ୍ୟରେ ପୋଲିଂ ଏଜେଣ୍ଟମାନେ ବୁଥ୍‌ରେ ନ ପହଞ୍ଚିଲେ ପୋଲିଂ ଅଫିସରଙ୍କ ଉପସ୍ଥିତିରେ ମକ୍ ପୁଲ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ବଡଚଣା, ଧର୍ମଶାଳା, କୋରେଇ ଓ ସୁକିନ୍ଦା ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ପ୍ରିଜାଇଡିଂ ଓ ପୋଲିଂ ଅଫିସର ଏନ୍.ସି. କଲେଜ, ଯାଜପୁରରେ ୨୭ତାରିଖ ପୂର୍ବାହ୍ନ ୭ଟା ସୁଦ୍ଧା ପହଞ୍ଚି ଜଏନିଂ ରିପୋର୍ଟ ଦେଇ ମେଟେରିଆଲ୍ସ, ଇଭିଏମ୍ ଓ ଭିଭିପାଟ୍ ମେଶିନ ଇତ୍ୟାଦି ସଂଗ୍ରହ କରିନେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ବିଳମ୍ବରେ ଆସୁଥିବା ପୋଲିଂ ଅଫିସରଙ୍କ ପ୍ରତି ତତ୍‌କ୍ଷଣାତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ଜିଲାପାଳ ସତର୍କ କରାଇ ଦେଇଛନ୍ତି।

## ବିଶ୍ୱଜିତ୍‌ଙ୍କ ପାଇଁ ପ୍ରଚାର କଲେ ଅଭିନେତ୍ରୀ ବିଦୁସ୍ମିତା

**କୋରେଇ,୨୫।୪(ସ୍ୱ.ପ୍ର)**

କୋରେଇ ନିର୍ବାଚନମଣ୍ଡଳୀରେ ବିଶ୍ୱଜିତଙ୍କ ପାଇଁ ପ୍ରଚାର ମଇଦାନରେ ଭାଜପା ନେତ୍ରୀ ତଥା ସିନେ ତାରକା ବିଦୁସ୍ମିତା ମନ୍ତ୍ରୀଙ୍କୁ ଦେଖିବାକୁ ମିଳିଥିଲା। ଗୁରୁବାର ପୂର୍ବାହ୍ନରେ ସେ ମୋଟର ସାଇକେଲ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତରେ ବିଶ୍ୱଜିତଙ୍କ ସହିତ ପ୍ରଚାର କରିଥିଲେ। ଅପରାହ୍ନରେ ଅମୃତିଆ ପଞ୍ଚାୟତର ସୋଲପଟା ମଠ ପଡିଆରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେଥିରେ ବିଦୁସ୍ମିତା ଯୋଗଦେଇ ବିଶ୍ୱଜିତଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନା ସମ୍ପର୍କରେ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକ, ପଞ୍ଚାୟତ ସମିତି ଅଧକ୍ଷା ମାଳତି ଗୁଡ୍ଡୁ, ପ୍ରକାଶ ଧଳ, ବିକ୍ରମ ବିଶ୍ୱାଳ, ସଦାନନ୍ଦ ସାହୁ ,ଜୟନ୍ତୀ ସାମଲ, ଶତୃଘ୍ନ ମହାପାତ୍ର, ପ୍ରଫୁଲ୍ଲ ସାହୁ, ଲକ୍ଷ୍ମୀଧର ବିଶ୍ୱାଳ, ମହେଶ୍ୱର ପତ୍ରି , ଭରତ ମଲ୍ଲିକ, ବସନ୍ତ ପତ୍ରି, ନକୁଳ ସେଠୀ, କୃଷ୍ଣଚନ୍ଦ୍ର ପତ୍ରି, ତପନ ରାଉତ, ସୁଶାନ୍ତ ରାଉତଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଗୁରୁବାର ସନ୍ଧ୍ୟାରେ ବୈତରଣୀ ରୋଡ ରେଳଷ୍ଟେଶନଠାରୁ ପୂର୍ବତନ ସରପଞ୍ଚ ଉଦୟନାଥ ପରିଡାଙ୍କ ନେତୃତ୍ୱରେ ବିଶ୍ୱଜିତ ଓ ବିଦୁସ୍ମିତାଙ୍କ ସମେତ ଶତାଧିକ କର୍ମୀ ଏକ ପଦଯାତ୍ରାରେ ବାହାରି ବରୁଣ୍ଡେଇ ବଜାର ଦେଇ ବରୁଣ୍ଡେଇ କଲେଜ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ।


ନିର୍ବାଚନୀ ସଭାରେ ବିଦୁସ୍ମିତା ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ସୁକିନ୍ଦା-ଡୁବୁରୀ-ଅନୁଗୋଳ ରେଳପଥ ପ୍ରସଙ୍ଗ

# କ୍ଷତିଗ୍ରସ୍ତ ଚାଷୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି

**ଡୁବୁରୀ/ କଳିଙ୍ଗନଗର, ୨୫।୪(ଡି.ଏନ୍.ଏ.)**

ସୁକିନ୍ଦା-ଡୁବୁରୀ-ଅନୁଗୋଳ ରେଳ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ସୁକିନ୍ଦା ତହସିଲ ଡୁବୁରୀ ରାଜସ୍ୱ ସର୍କଲରେ ଥିବା ଚାଷୀ ଚଳିତ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ । ଏ ନେଇ ଗ୍ରାମବାସୀ ଗୁରୁବାର ସମ୍ପୃକ୍ତ ଅଞ୍ଚଳର ଶତାଧିକ ଚାଷୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ଯାଜପୁର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିଥିବା ଜଣାପଡିଛି।

ଡୁବୁରୀ ରାଜସ୍ୱ ମୌଜାର ୧୨୭ ନମ୍ବର ଖାତାରେ ଡୁବୁରୀ, ବାଘରା ସାହି, ଝୁମ୍ପାଣ, ଖରାଖାଇ, ସିଆରିଆ ଓ କମାରଶାଳିଆ ପ୍ରଭୃତି ଗ୍ରାମର ୬୬୭ ଏକର ଚାଷଜମି (ପ୍ଲଟ ନମ୍ବର ୧ ଓ ୧୦୧) ରେଳବାଇ ଦ୍ୱାରା ପ୍ରଭାବିତ ହୋଇଛି। ସରକାର ଓ ପ୍ରଶାସନ ବିନା କ୍ଷତିପୂରଣରେ ଜୋର୍‌ଜବରଦସ୍ତ ଜମି ଅଧିଗ୍ରହଣ କରି ରେଳବାଇକୁ ପ୍ରଦାନ କରିଛନ୍ତି। ଫଳରେ ଦୀର୍ଘବର୍ଷ ଧରି ଜମି ଚାଷକରି ପରିବାର ପ୍ରତିପୋଷଣ କରି ଆସୁଥିବା ଚାଷୀଙ୍କୁ ଜୀବିକା ହରାଇବାକୁ ପ୍ରଶାସନ ଏକ ପ୍ରକାର ବାଧ୍ୟ କରିଥିବା ଗ୍ରାମବାସୀ କହିଛନ୍ତି। ଏହାର ପ୍ରତିବାଦରେ ଅନେକ ଥର ଆନ୍ଦୋଳନ, ପ୍ରତିବାଦ କରାଯିବା ସହ ଜିଲାପାଳଙ୍କ ନିକଟରେ ଦାବି ମଧ୍ୟ କରାଯାଇଛି। ହେଲେ କୌଣସ ସୁଫଳ ମିଳି ନାହିଁ । ପ୍ରକଳ୍ପ କାମକୁ ଚାଷୀଙ୍କ ପ୍ରବଳ ବିରୋଧ ସତ୍ତ୍ୱେ କର୍ତ୍ତୃପକ୍ଷ ପୋଲିସ ପ୍ରଶାସନର ସହଯୋଗରେ ଜମି ଅଧିଗ୍ରଣ କରି ରେଳ ଲାଇନ କାମ କରିଥିଲେ । ଏହି ବିରୋଧବେଳେ ବାଘରା ସାହି ଅଞ୍ଚଳର ସାଇବୁ ମହାନ୍ତ ନାମକ ଜଣେ ଚାଷୀ ସଂଜ୍ଞାହୀନ ହୋଇ ମୃତ୍ୟୁ ବରଣ କରିଥିବାବେଳ ଅନେକ ଗୁରୁତର ମଧ୍ୟ ହୋଇଥିଲେ। ଏହାକୁ ନେଇ ଜାନୁୟାରୀରେ ଡୁବୁରୀ ଛକରେ ହଳ ଲଙ୍ଗଳ ଓ ଜମିପଟ୍ଟା ପୋଡି ଅଭିନବ ପ୍ରତିବାଦ କରିଥିଲେ ମଧ୍ୟ ତାହାର କୌଣସି ପ୍ରଭାବ ସରକାର କିମ୍ବା ପ୍ରଶାସନ ଉପରେ ପଡି ନ ଥିଲା। ଓଲଟା ଚାଷୀଙ୍କ ଉପରେ ଅଧିକ କଠୋର ମନୋଭାବ ପୋଷଣ କରାଯାଇ ୧୨୭ନମ୍ବର ଖାତାଭୁକ୍ତ ଜମିର ପାଉତି କାଟିବା ବନ୍ଦ କରାଯାଇଥିଲା। ପ୍ରତିବାଦରେ ଗତ ଫେବୃୟାରୀ ୧୯ରେ ଡୁବୁରୀ ରାଜସ୍ୱ ସର୍କଲ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ଅନଶନ କରିଥିଲେ। ପରବର୍ତ୍ତୀ ସମୟରେ ସୁକିନ୍ଦା ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ୪ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତି ମଧ୍ୟରେ ପ୍ରତିଶ୍ରୁତିକୁ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ସମାଧାନ ହୋଇ ନାହିଁ। ତୁରନ୍ତ ଚାଷୀଙ୍କ ସମସ୍ୟା ସମାଧାନ ନ କଲେ ଦିର୍ବାଚନରେ ସମସ୍ତ ଚାଷୀ ପରିବାର ଭୋଟ ବର୍ଜନ କରିବେ ବୋଲି କୈଳାସ ମହାନ୍ତ, ଗୁଣବନ୍ତ ମହାନ୍ତ, ବେଲବତୀ ମହାନ୍ତ, ଦଣ୍ଡଧର ମହାନ୍ତ, ନରେନ୍ଦ୍ର ମହାନ୍ତ, ଚୌଧୁରୀ ମହାନ୍ତ, ହୃଷୀକେଶ ମହାନ୍ତ, ମଧୁ ମହାନ୍ତ, ଅଜୟ କୁମାର ଜେନା,କଞ୍ଜ ବିହାରୀ ମହାନ୍ତ କହିଛନ୍ତି।



ଗ୍ରାମବାସୀ ଭୋଟ ବର୍ଜନ ପାଇଁ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ଭାଜପା ପ୍ରାର୍ଥୀଙ୍କ ରୋଡ୍ ଶୋ



**କେନ୍ଦ୍ରାପଡା ଅଫିସ, ୨୫।୪:** କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ଭାଜପା ପ୍ରାର୍ଥୀ ସୁନାକର ବେହେରା ଗୁରୁବାର ରୋଡ ଶୋ କରିଥିଲେ। ଅଳପୁଆରୁ ଏହି ରୋଡ ଶୋ ବାହାରି ଦାଣ୍ଡିସାହି, ପେଣ୍ଠପାଳ, ଅମୃତମଣୋହି, ଅଣ୍ଡରା, ସିଂହଗାଁ, ତରଡ଼ିପାଳ, ବଲୁରିଆ, ନୀଳକଣ୍ଠପୁର ଓ ବାଲିପାଟଣାରେ ପହଞ୍ଚିଥିଲା। ଏଥିରେ ସୁନାକର ପ୍ରକାଶ କରିଥିଲେ ଯେ, ଏହି ନିର୍ବାଚନମଣ୍ଡଳୀର ଧୋୟାଞ୍ଚଳ ଚାଷୀଙ୍କ ପାଇଁ କଂଗ୍ରେସ କିମ୍ବା ବିଜେଡି ସରକାର କୌଣସି କାର୍ଯ୍ୟ କରିନାହାନ୍ତି। ଏଠାରେ ଜଳ ପରିଚାଳନା ଏକ ମୁଖ୍ୟ ସମସ୍ୟା ହୋଇଥିଲେ ମଧ୍ୟ ଏହାର ସମାଧାନ କରାଯାଉନାହିଁ। ଏହି ଅଞ୍ଚଳର ଯୁବବର୍ଗ ନିଯୁକ୍ତି ନ ପାଇ ପ୍ରତିବର୍ଷ ବାହାରକୁ ଯାଉଛନ୍ତି। ଏଥିସହ ଯଦି ସେ ନିର୍ବାଚନରେ ବିଜୟୀ ହୁଅନ୍ତି ତେବେ ଆଞ୍ଚଳିକ ସମସ୍ୟାକୁ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଥିଲେ। ଏହି ରୋଡ ଶୋରେ ଚଳଚ୍ଚିତ୍ର ତାରକା ହରି, ଭାଜପା ନେତା ବିଷ୍ଣୁ ଦାସ, ଜିଲା ପରିଷଦ ସଭ୍ୟ ନାରଦ ବିଶ୍ୱାଳ ସାମିଲ ହୋଇଥିଲେ।

### ଭାଜପା କର୍ମକର୍ତ୍ତା ସମ୍ମିଳନୀ

**କେନ୍ଦ୍ରାପଡ଼ା ଅଫିସ୍, ୨୫।୪:** କେନ୍ଦ୍ରାପଡା ଜିଲା ଭାଜପା କର୍ମକର୍ତ୍ତା ସମ୍ମିଳନୀ ସହରର ତିନିମୁହାଣିସ୍ଥିତ ଏକ କଲ୍ୟାଣମଣ୍ଡପଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଭାଜପାର ପୁରୁଣା ଓ ବରିଷ୍ଠ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ଭାଜପା ନେତା କନକବର୍ଦ୍ଧନ ସିଂଦେଓ ଯୋଗଦେଇ ଚଳିତ ନିର୍ବାଚନରେ ଭାଜପାର ବିଜୟ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏଥିପାଇଁ ବରିଷ୍ଠ କର୍ମକର୍ତ୍ତାଙ୍କ ରଣ କୌଶଳ କାର୍ଯ୍ୟକାରୀତାକୁ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଥିଲେ। ଏହି ଅବସରରେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ସମିତିସଭ୍ୟ ପ୍ରସନ୍ନ କୁମାର ଦାସଙ୍କ ସମେତ ୫ଜଣ ଭାଜପାରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ବରିଷ୍ଠ ଭାଜପା ନେତା ବୈଦ୍ୟନାଥ ଚାଟାର୍ଜୀ, ନୃସିଂହ ଚରଣ ପତ୍ରୀ, ଗଗନବିହାରୀ ସାହୁ, ଉପିନ ରାଉତ ପ୍ରମୁଖ ଯୋଗଦେଇ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ଆହ୍ୱାନ ଦେଇଥିଲେ।

### ସତ୍ୟସାଇ ବାବାଙ୍କ ଆରାଧନା ଦିବସ

**କେନ୍ଦ୍ରାପଡା ଅଫିସ, ୨୫।୪:** ଚଉଦକୁଳାଟସ୍ଥିତ ସତ୍ୟସାଇ ସେବା ସମିତି ପକ୍ଷରୁ ସତ୍ୟସାଇ ବାବାଙ୍କ ଆରାଧନା ଦିବସ ବୁଧବାର ପାଳିତ ହୋଇଯାଇଛି। କର୍ମକର୍ତ୍ତା ଜୟଦେବ ମହାନ୍ତିଙ୍କ ବାସଭବନରେ ଆୟୋଜିତ ଏହି ଉତ୍ସବରେ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ପ୍ରାତଃରୁ ସନ୍ଧ୍ୟା ପର୍ଯ୍ୟନ୍ତ ସାଇବାବାଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପୂଜାର୍ଚ୍ଚନା କରାଯିବା ପରେ ସନ୍ଧ୍ୟାରେ ପାଠ ଚକ୍ର ଅନୁଷ୍ଠିତ ହୋଇଥିଲା। ଏହାକୁ ମନୋରଞ୍ଜନ ଦାସ, ଧର୍ମପଦ ଅଧିକାରୀ, ନିର୍ମଳ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

■ କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ

# ଅଣକଂଗ୍ରେସ ଗଡ଼ରେ ତ୍ରିମୁଖୀ ଲଢ଼େଇ

- ■ ବିଜୁବାବୁଙ୍କ କର୍ମଭୂମି ନାଁରେ ସହାନୁଭୂତି ସାଉଁଟୁଛି ବିଜେଡି
- ■ ଓଡ଼ିଶାରେ ପରିବର୍ତ୍ତନ ଆହ୍ୱାନ ଦେଇ ଭୋଟ ମାଗୁଛନ୍ତି ଭାଜପା ପ୍ରାର୍ଥୀ
- ■ ମାଟିର ପୁଅ ସ୍ଲୋଗାନ ତ୍ୱରାନ୍ୱିତ କରିଛି କଂଗ୍ରେସ

**କେନ୍ଦ୍ରାପଡା ଅଫିସ, ୨୫।୪**

ଆସନ୍ତା ୨୯ରେ ୪ର୍ଥ ପର୍ଯ୍ୟାୟ ନିର୍ବାଚନ। କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନ ପାଟକୁରା ବିଧାନସଭା ବ୍ୟତୀତ ଅନ୍ୟ ୬ ଆସନ ପାଇଁ ପ୍ରଚାର କାର୍ଯ୍ୟ ୨୭ ତାରିଖ ସନ୍ଧ୍ୟା ସୁଦ୍ଧା ଶେଷ ହେବ। ବିଭିନ୍ନ ରାଜନୈତିକ ଦଳ ସମେତ ସ୍ୱାଧୀନ ପ୍ରାର୍ଥୀ ମଇଦାନରେ ଥିବା ବେଳେ କେନ୍ଦ୍ରାପଡା ଦଖଲ ପାଇଁ ୩ ପ୍ରମୁଖ ଦଳ ନିଜର କଳ କୌଶଳ ଲଗାଇଛନ୍ତି। ଓଡ଼ିଆ ସିନେଷ୍ଟାର, ରାଜନେତା ତଥା ବିଜେଡି ଲୋକ ସଭା ପ୍ରାର୍ଥୀ ଅନୁଭବ ମହାନ୍ତି ବିଶାଳ ରୋଡ ଶୋରେ ସାମିଲ ହେଉଛନ୍ତି। ସେହିପରି ପୂର୍ବତନ ବିଜେଡି ଏମ୍‌ପି ତଥା ଚଳିତ ନିର୍ବାଚନର କେନ୍ଦ୍ରାପଡ଼ା ଭାଜପା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଚାରିଆଡ଼େ ବୁଲିବା ସହ ପାଖ ପଡ଼ିଆରେ ହେଲିକପ୍ଟର ରଖି ବରଗଛ ତଳେ ଲୋକଙ୍କ ଘେରରେ ପରିବର୍ତ୍ତନ ହେଉଯାଉ ସ୍ଲୋଗାନ ଦେଉଛନ୍ତି। ସେହିପରି ବରିଷ୍ଠ ଆଇନଜୀବୀ ତଥା କଂଗ୍ରେସ ଲୋକ ସଭା ପ୍ରାର୍ଥୀ ଧରଣୀଧର ନାୟକ କେନ୍ଦ୍ରାପଡ଼ା ମାଟିର ପୁଅ କହି ଭୋଟ ପାଇଁ ନିବେଦନ କରୁଛନ୍ତି। ତେବେ ଅଣକଂଗ୍ରେସ ଗଡ଼ ଭାବେ ପରିଚିତ ଏହି ଲୋକ ସଭା ନିର୍ବାଚନମଣ୍ଡଳୀରେ ଏଥର ତ୍ରିମୁଖୀ ଲଢ଼େଇ ହେବ ବୋଲି ସ୍ପଷ୍ଟ ହୋଇଛି।

ତେବେ ଏହି ଲଢ଼େଇକୁ ଆହୁରି ଜୋରଦାର କରିବା ପାଇଁ ଏଠାରେ ଷ୍ଟାର ପ୍ରଚାରକମାନେ ଭିଡ ଜମାଉଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ରାପଡା ଗସ୍ତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଧାସଳଖ ଟାର୍ଗେଟ କରିଥିଲେ। ସେହିପରି ବିଜୁବାବୁଙ୍କ କର୍ମଭୂମି କହି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ସହାନୁଭୂତି ଗୋଟାଇବା ଲକ୍ଷ୍ୟରେ ଅଛନ୍ତି। ଏଥିସହିତ ରାଜନୈତିକ ଶତ୍ରୁ ବୈଜୟନ୍ତଙ୍କୁ ହରାଇବା ପାଇଁ ବିଜେଡି ସୁପ୍ରିମୋଙ୍କ ସମେତ ବହୁ ହେଭିୱେଟ ବାରମ୍ବାର କେନ୍ଦ୍ରାପଡ଼ା ଗସ୍ତ କରୁଛନ୍ତି। ରାଜ୍ୟ ବିଜେଡିର ତୁଙ୍ଗ ନେତାମାନେ ଏବେ ସହର ମଧ୍ୟରେ ରହି ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ରଣକୌଶଳରେ ମାତିଛନ୍ତି। କଂଗ୍ରେସ ମଧ୍ୟ ପ୍ରଚାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଗୁରୁବାର ଫିଲ୍ମଷ୍ଟାର ତଥା ରାଜନେତା ରାଜବବରଙ୍କୁ ପ୍ରଚାର ମଇଦାକୁ ଆଣିଥିବା ବେଳେ ଆଗାମୀ ଦିନରେ ନଗମା ଓ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଝିଅ ଶର୍ମିଷ୍ଠା ଏଠାରେ ପ୍ରଚାରରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଇତିମଧ୍ୟରେ ପାଟକୁରାର ବିଜେଡି ବିଧାୟକ ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କର ମୃତ୍ୟୁ ହୋଇଥିବାରୁ ଆସନ୍ତା ମେ ୧୯କୁ ଏହି ଆସନ ନିର୍ବାଚନ ଘୁଞ୍ଚିଯାଇଛି। ତେବେ ଏଠାରେ ଲୋକ ସଭା ଆସନ ପାଇଁ ନିର୍ବାଚନ ହେଉଥିବାରୁ ନିର୍ବାଚନୀ ଉଷ୍ମତା ଜାରି ରହିଛି।

ଅଣକଂଗ୍ରେସ ଗଡ଼ କୁହାଯାଉଥିବା କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ ଏବେ ସମସ୍ତଙ୍କ ଦୃଷ୍ଟିରେ ଥିବାବେଳେ ଏଠାରେ ଏଥର ତ୍ରିମୁଖୀ ଲଢ଼େଇ ହେବା ନିଶ୍ଚିତ ହୋଇଛି। ୨୦୧୪ ଲୋକ ସଭା ନିର୍ବାଚନରେ ବିଜେଡି ଏଠାରେ ପ୍ରତିଦ୍ୱନ୍ଦି କଂଗ୍ରେସ ପ୍ରାର୍ଥୀଙ୍କଠାରୁ ୨,୦୯,୩୦୦ ଭୋଟ ଆଗରେ ଥିଲା। ବିଜେଡି ମୋଟ ୬,୦୦,୦୨୩ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀଙ୍କ ଭୋଟ ସଂଖ୍ୟା ୩,୯୦,୭୨୩ ରହିଥିଲା। ଏହି ସମୟରେ ବିଜେଡି ପ୍ରାର୍ଥୀ ଭାବେ ବୈଜୟନ୍ତ ନିର୍ବାଚନ ଲଢ଼ିଥିଲେ। ତେବେ ଗତ ଲୋକ ସଭା ଆସନରେ ଭାଜପା ତୃତୀୟ ସ୍ଥାନରେ ରହି ମାତ୍ର ୧,୧୮,୬୫୩ ଖଣ୍ଡ ଭୋଟ ପାଇଥିଲା। ମାତ୍ର ଚଳିତ ଥର ଦେଶସାରା ମୋଦି ଲହର ଓ ଓଡ଼ିଶାରେ ପରିବର୍ତ୍ତନ ନାରା ଦେଇ ବୈଜୟନ୍ତ ଭାଜପା ଟିକେଟରେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ଏଥିସହ ଏମ୍‌ପି ପାଣ୍ଠି ବିନିଯୋଗ, ବିଦେଶରୁ ନିର୍ଯାତିତ ଶ୍ରମିକଙ୍କୁ ଉଦ୍ଧାର କରିବା, ନିଜ ପିତାଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ବିଜେଡି ନେତା ସାମିଲ ନହେବା ଆଦି ପ୍ରସଙ୍ଗ ଉପସ୍ଥାପନ କରି ଜିଲାବାସୀଙ୍କ ଭୋଟ ହାତେଇବାକୁ ଚେଷ୍ଟା ଚଳାଇଛନ୍ତି। ଏହି ଲୋକ ସଭା ଆସନ ମଧ୍ୟରେ କଂଗ୍ରେସର ମଧ୍ୟ ପତିଆରା ରହିଛି। ପୂର୍ବରୁ ଜିଲାର ବହୁ କଂଗ୍ରେସ ନେତା ମନ୍ତ୍ରୀ ପଦ ପାଇଛନ୍ତି। ଅଦ୍ୟାବଧି ରାଜନଗର ଓ ଆଳି ବିଧାୟକ ପଦ କଂଗ୍ରେସ ହାତରେ ଅଛି। ଏଥିସହ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ପ୍ରତି ସହାନୁଭୂତି ବଢୁଥିବାରୁ ଲୋକ ସଭା ପ୍ରାର୍ଥୀ ଧରଣୀଧର ନାୟକଙ୍କ ପ୍ରଚାର ପୂର୍ବ ଅପେକ୍ଷା ଅଧିକ ଶାଣିତ ହୋଇଛି। ଏତଦ୍‌ବ୍ୟତୀତ ଭାଜପା ଓ ବିଜେଡି ପ୍ରାର୍ଥୀ କେନ୍ଦ୍ରାପଡା ଜିଲାର ହୋଇ ନ ଥିବାରୁ କଂଗ୍ରେସ ପ୍ରାର୍ଥୀ ମାଟିର ପୁଅ ସ୍ଲୋଗାନକୁ ତ୍ୱରାନ୍ୱିତ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଦୁଇଦିନିଆ କେନ୍ଦ୍ରାପଡ଼ା ଗସ୍ତ

**କେନ୍ଦ୍ରାପଡା ଅଫିସ, ୨୫।୪**

ନିର୍ବାଚନ ପ୍ରଚାର ପାଇଁ ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨ ଦିନିଆ କେନ୍ଦ୍ରାପଡା ଗସ୍ତ କାର୍ଯ୍ୟକ୍ରମ ରହିଛି। ୨୬ ତାରିଖ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଆସି ମହାକାଳପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଖରିନାସିସ୍ଥିତ ହରିଆବାଙ୍କଠାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗ ଦେବେ। ୧୧ଟା ୫ ମିନିଟରେ ମହାକାଳପଡ଼ା, ମାର୍ଶାଘାଇ, ପାଟକୁରା ଓ ଗରଦପୁର ଅଞ୍ଚଳରେ ରୋଡ ଶୋରେ ଭାଗ ନେବେ। ସେହିପରି ଅପରାହ୍ନ ୩ଟାରେ ଗରଦପୁରରୁ ବାହାରି ସନ୍ଧ୍ୟା ୬ଟାରେ ଇଚ୍ଛାପୁରସ୍ଥିତ ଶ୍ରୀ ବଳଦେବଜୀଉଙ୍କୁ ଦର୍ଶନ କରିବେ। ଏହାପରେ ସହର ମଧ୍ୟରେ ଆୟୋଜିତ ରୋଡଶୋରେ ଭାଗ ନେଇ ଜଷ୍ଟିଲୋ ଆଇବିରେ ରାତ୍ରୀଯାପନ କରିବେ। ସେହିପରି ୨୭ ତାରିଖ ପୂର୍ବାହ୍ନ ୯.୧୫ ମିନିଟ୍‌ରେ ସେଠାରୁ ବାହାରି ଇନ୍ଦୁପୁର, ଗୋଗୁଆ, ପଟ୍ଟାମୁଣ୍ଡାଇ ଓ ଆଳିରେ ପହଞ୍ଚିବେ। ସେଠାରୁ ରାଜକନିଆ ବ୍ଲକ ଓଲାଭର ପର୍ଯ୍ୟନ୍ତ ରୋଡ ଶୋ କରିବା ପରେ ଅପରାହ୍ନ ୨ଟା ୫୦ ମିନିଟରେ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି।

## କେନ୍ଦ୍ରାପଡ଼ାରେ କଂଗ୍ରେସ ଷ୍ଟାର ପ୍ରଚାରକ ରାଜବବର

**କେନ୍ଦ୍ରାପଡା ଅଫିସ, ୨୫।୪**


ରୋଡ ଶୋରେ ଷ୍ଟାର ପ୍ରଚାରକଙ୍କ ସହ ଏମ୍‌ପି ଓ ବିଧାୟକ ପ୍ରାର୍ଥୀ।

ନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସ ପକ୍ଷରୁ କେନ୍ଦ୍ରାପଡା ସହର ମଧ୍ୟରେ ଗୁରୁବାର ରୋଡ ଶୋ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡା ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରା ଓ ଲୋକ ସଭା ପ୍ରାର୍ଥୀ ଧରଣୀଧର ନାୟକଙ୍କ ଏହି ରୋଡ ଶୋରେ ବଲିଉଡ ଷ୍ଟାର ତଥା କଂଗ୍ରେସର ଷ୍ଟାର ପ୍ରଚାରକ ରାଜବବର, ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଟିଏସ୍ ସିଂହଦେଓ, ବରିଷ୍ଠ ନେତା ନରସିଂହ ମିଶ୍ର ସାମିଲ ହୋଇଥିଲେ। ସହରର ତିନିମୁହାଣିଠାରୁ ଏହି ରାଲି ଆରମ୍ଭ ହୋଇ ଶ୍ରୀ ବଳଦେବଜୀଉ ମନ୍ଦିର ନିକଟରେ ଶେଷ ହୋଇଥିଲା। ଏହି ଅବସରରେ ରାଜବବର ଓ ଟିଏସ୍ ସିଂଦେଓ ପ୍ରକାଶ କରିଥିଲେ ଯେ, ଚଳିତ ସାଧାରଣ ନିର୍ବାଚନରେ ଶାସକ ଦଳର ପରିବର୍ତ୍ତନ ସୁନିଶ୍ଚିତ। କେନ୍ଦ୍ରରେ ଭାଜପା ଓ ରାଜ୍ୟରେ ବିଜେଡି ସରକାର କେନ୍ଦ୍ରାପଡ଼ା ଜିଲାକୁ ଅବହେଳା କରିଛନ୍ତି। ଜିଲାର ସମସ୍ୟା ଦୂର ପାଇଁ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ସେମାନେ ଭୋଟରଙ୍କୁ ନିବେଦନ କରିଥିଲେ। ଏହି ରୋଡ ଶୋରେ ୨ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ୨୦୧୭ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ

**କେନ୍ଦ୍ରାପଡା ଅଫିସ, ୨୫।୪**

ସହରର ଚଉଦକୁଳାଟସ୍ଥିତ ଜଗନ୍ନାଥ ବିଦ୍ୟାପୀଠର ୨୦୧୭ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରିନା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଏହି ବନ୍ଧୁ ମିଳନ ଉତ୍ସବରେ ବିଦ୍ୟାପୀଠର ଉନ୍ନତି ସମ୍ପର୍କରେ ଆଲୋଚନା ହେବା ସହିତ ଆଗାମୀ ଦିନରେ ଭଲ ମଣିଷ ହେବା ପାଇଁ ପୁରାତନ ଛାତ୍ରୀଛାତ୍ରାମାନେ ଶପଥ ନେଇଥିଲେ। ଛାତ୍ର ମନିଷ ନାୟକ, ସାଇ ଭାସ୍କର ପାତ୍ର, ସଂଗ୍ରାମ କେଶରୀ ଦାସ, ସତ୍ୟରଞ୍ଜନ ଦାସ, ଛାତ୍ରୀ ତୃପ୍ତିମୟୀ ପ୍ରଧାନ ଏହି ଉତ୍ସବରେ ନେତୃତ୍ୱ ନେଇଥିଲେ। ଏହାକୁ ଶିକ୍ଷକ ସରୋଜକାନ୍ତ ବିଶ୍ୱାଳ ପରିଚାଳନା କରିଥିଲେ।

## ରାଜକନିକାରେ ବୈଜୟନ୍ତ, ଦୋଳଗୋବିନ୍ଦଙ୍କ ମାରାଥନ ପ୍ରଚାର

**ରାଜକନିକା, ୨୫।୪ (ଡି.ଏନ୍.ଏ.)**

ଆସନ୍ତା ୨୯ରେ ଚତୁର୍ଥ ପର୍ଯ୍ୟାୟ ଭୋଟ। ତେବେ ନିର୍ବାଚନ ଯେତେ ପାଖେଇ ଆସୁଛି ପ୍ରଚାର ସେତେ ଜମିବାରେ ଲାଗିଛି। ଆଳି ନିର୍ବାଚନମଣ୍ଡଳୀ ଅଧୀନ ରାଜକନିକା ବ୍ଲକରେ ବୁଧବାର ଭାଜପାର ରୋଡ ଶୋ ଆୟୋଜିତ ହୋଇଥିଲା। ଏଥିରେ ଆଳି ଭାଜପା ବିଧାୟକ ପ୍ରାର୍ଥୀ ଦୋଳଗୋବିନ୍ଦ ନାୟକ ଓ କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ସହିତ ଅଭିନେତା ବାବୁସାନ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ନେଉଳଗଡିଆରୁ ବାହାରି କଣ୍ଟପଡ଼ା ବଜାର, ଅଶୋକ ବଜାରନ୍, ତରାଶ, ବରାଡିଆ, ଅଖୁଳିପଡ଼ା, ଜୟନଗର, କୋଇଲିପୁର, କାଟଣା, ତ୍ରୈଲୋକ୍ୟପୁର, ଆୟତନ, ସିକୋ, କାଳିକାପୁର, ଜାଗୁଳାଇପଡ଼ା, ବଳରାମପୁର, ଓଳାଭର, ପେଗରପଡ଼ା, ସିହୋପଡ଼ା, ଦେଉଳତରା, ନମତରା, କଣ୍ଡିଆ, ଚରପଡ଼ା, ଦାମୋଦରପୁର, ପଣସଗଣ୍ଡ, ସାନହଳପଡ଼ା, ବାଲିସାହି ପ୍ରଭୃତି ଅଞ୍ଚଳ ପରିକ୍ରମା କରିଥିଲା। ଭାଜପା ପ୍ରାର୍ଥୀ ଓ ସମର୍ଥକମାନେ ପରିବର୍ତ୍ତନ ଆହ୍ୱାନ ଦେଇ ଭାଜପାକୁ ଭୋଟ ଦେବାକୁ ନିବେଦନ କରିଥିଲେ। ବିଭିନ୍ନ ସ୍ଥାନରେ ଉଭୟ ପ୍ରାର୍ଥୀଙ୍କୁ ସ୍ଥାନୀୟ ଲୋକେ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ରୋଡ ଶୋରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜସୁନ୍ଦର ଭୂୟାଁ, ଦଶରଥ ସେନାପତି, ବିଶିକେଶନ ଦାସ, କୃଷ୍ଣଚନ୍ଦ୍ର ପଣ୍ଡା, ବେଣୁଧର ପରିଡ଼ା, ସଦର ସଭାପତି କଣ୍ଠଚନ୍ଦ୍ର ବାରିକ, ୨୭ ନଂ. ଜୋନ୍ ସଭାପତି କାର୍ତ୍ତିକଚନ୍ଦ୍ର ଦାଶ, ଜିତା ଦାସ, ଭକ୍ତବନ୍ଧୁ ମିଶ୍ର ଓ ଯୁବନେତା ସତ୍ୟରଞ୍ଜନ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ବଡ଼ାମ୍ହିଳାରେ ବିଜେଡିର ମହିଳା ସମାବେଶ


ସମାବେଶରେ ଯୋଗଦେଇଥିବା ମହିଳାମାନେ।

**ଆଳି, ୨୫।୪ (ଡି.ଏନ୍.ଏ.)**

ଆଳି ବ୍ଲକ ବଡାମ୍ହିଳା ପଞ୍ଚାୟତରେ ବିଜେଡିର ମହିଳା ସମାବେଶ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଆଳି ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ମିନତି ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଜେଡି ସରକାର ମହିଳାମାନଙ୍କ ପାଇଁ କାର୍ଯ୍ୟକାରୀ କରିଥିବା ବିଭିନ୍ନ ଯୋଜନା ସହିତ ମହିଳା ସଶକ୍ତିକରଣ ନିମନ୍ତେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଏଠାରେ ଆଲୋଚନା ହୋଇଥିଲା। ଓଡ଼ିଶାର ବିକାଶ ପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ଓ ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରାଇବାକୁ ଏହି ସମାବେଶରେ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ଉପ ସଭାନେତ୍ରୀ ରୋସ୍ନା ସାହୁ, ଜିଲା ସଂଯୋଜିକା ଭକ୍ତିଲତା କର, ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ, ଜିଲାପରିଷଦ ସଭ୍ୟା ସତ୍ୟଭାମା ମଲିକ ଅତିଥି ଭାବେ ଯୋଗଦେଇଥିଲେ।

## ସତ୍ୟସାଇଙ୍କ ଆରାଧନା ଉତ୍ସବ

**ଡେରାବିଶ, ୨୫।୪ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅଧୀନ ଦକ୍ଷବ୍ରହ୍ମପୁର ଓ ଦାନପୁରସ୍ଥିତ ଶ୍ରୀଶ୍ରୀ ସତ୍ୟସାଇ ସେବା ସମିତିର ୧୬ତମ ବାର୍ଷିକ ଉତ୍ସବ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ୱପ୍ନେଶ୍ୱର ଶିବ ମନ୍ଦିର ନିକଟସ୍ଥ ସାଇମନ୍ଦିରରେ ପ୍ରତ୍ୟୁଷରୁ ମଙ୍ଗଳ ଆଳତୀ, ସଂକୀର୍ତ୍ତନ ଶୋଭାଯାତ୍ରା କରାଯାଇଥିଲା। ପରେ ମନ୍ଦିର ପରିସରରେ ସମିତି ଆବାହକ ରୋହିତ ରଞ୍ଜନ ମଲ୍ଲିକଙ୍କ ଦ୍ୱାରା ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇଥିଲା। ଗୁରୁଚରଣ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ମଞ୍ଜୁଲତା ସିଂ ଓ ବାଳ ବିକାଶ ଛାତ୍ରୀଛାତ୍ରଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ସଂଘମିତ୍ରା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଭା ପରିଚାଳନାରେ ବସନ୍ତ କୁମାର ମଲ୍ଲିକ, ବିଜୟ କୁମାର ପଣ୍ଡା, ସତ୍ୟନାରାୟଣ ଦାସ, ଗଣେଶ ଚନ୍ଦ୍ର ମହାନ୍ତି ସହଯୋଗ କରିଥିଲେ।

## ବିଜେଡିର ମିଶ୍ରଣ ପର୍ବ, ପଦଯାତ୍ରା

**ଆଳି, ୨୫।୪ (ଡି.ଏନ୍.ଏ.)**


ପଦଯାତ୍ରାରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ଓ ଅନ୍ୟମାନେ।

ନିର୍ବାଚନ ତାରିଖ ଯେତିକି ପାଖଉଛି ଆଳି ନିର୍ବାଚନମଣ୍ଡଳୀର ରାଜନୈତିକ ଉଷ୍ମତା ସେହି ପରିମାଣରେ ବୃଦ୍ଧି ପାଇବାରେ ଲାଗିଛି। ନିର୍ବାଚନକୁ ମାତ୍ର ୪ଦିନ ବାକି ଥିବା ବେଳେ ଆଳି ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ବିଭିନ୍ନ ପଞ୍ଚାୟତରେ ମିଶ୍ରଣପର୍ବ, ପଦଯାତ୍ରା ଓ ନିର୍ବାଚନୀ ପ୍ରଚାରକୁ ଜୋରଦାର ଚଳାଇଛନ୍ତି। ଏହି ଅବସରରେ ବୁଧବାର ପୂର୍ବାହ୍ନରେ ଉକ୍ତ ନିର୍ବାଚନମଣ୍ଡଳୀର କଂଗ୍ରେସର ଗଡ଼ ଭାବେ ପରିଚିତ ମହୁ ପଞ୍ଚାୟତର ଶତାଧିକ କଂଗ୍ରେସ ପରିବାର ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକ ପ୍ରାର୍ଥୀ ପ୍ରତାପ ଦେବଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ମହେଶ୍ୱର ତ୍ରିପାଠୀ, ସମିତିସଭ୍ୟ ମାଧବାନନ୍ଦ ବେହୁରା, ଭରତ ଦାସ, ଆଶିଷ କର, ପୂର୍ଣ୍ଣଚନ୍ଦ୍ର କର, ତ୍ରିଲୋଚନ ରାଉଳ, ସୁଶାନ୍ତ ବାରିକ, କୃଷ୍ଣଚନ୍ଦ୍ର ସାହୁ, ଗଣେଶ୍ୱର ପ୍ରଧାନ, କୈଳାସ ତ୍ରିପାଠୀ, ପ୍ରଭାତ କଣ୍ଡ, ସୁଧାକର ପରିଡ଼ା ପ୍ରମୁଖ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ସେହିପରି ସ୍ଥାନୀୟ ସରପଞ୍ଚ ଜୟନ୍ତୀ ତରାଇଙ୍କ ନେତୃତ୍ୱରେ ୱାର୍ଡମେମ୍ବର ରଶ୍ମିରଞ୍ଜନ ତରାଇ, ପ୍ରମୋଦିନୀ ତରାଇ, ଅମ୍ବିକା ସାହୁ, ମଞ୍ଜୁଲତା ପାତ୍ର, ବିଶ୍ୱମ୍ଭର ମହାନ୍ତି, ମିନତି ମିଶ୍ରଙ୍କ ସମେତ ବିଶିକେଶନ ମହାନ୍ତି, ଚକ୍ରଧର ତରାଇ, ପ୍ରମୋଦ କୁମାର ସ୍ୱାଇଁ, ଦୁର୍ଯ୍ୟୋଧନ ସ୍ୱାଇଁ, ଚିତ୍ତରଞ୍ଜନ ମହାନ୍ତି, ବିଷ୍ଣୁଚରଣ ସାହୁ ପ୍ରମୁଖ ବିଜେଡିରେ ଯୋଗଦେଇଥିଲେ। ଏଥିରେ ପୂର୍ବତନ ସରପଞ୍ଚ ରତ୍ନାକର ପାତ୍ର, ବ୍ଲକ ବିଜେଡି ସଭାପତି ଜଗତାନନ୍ଦ ବଳ, ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ, ଅଟାଳ ସରପଞ୍ଚ ଅଚ୍ୟୁତାନନ୍ଦ ବଳ, ରମେଶଚନ୍ଦ୍ର ପଣ୍ଡା, ଚିରଞ୍ଜିବି ଦାସ, ଯୁବନେତା ରଶ୍ମିରଞ୍ଜନ ପାତ୍ର, ମୁରଲୀଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦୋଷିଆରେ ବିଜେଡିର ନିର୍ବାଚନୀ ସଭା

**ପଟ୍ଟାମୁଣ୍ଡାଇ, ୨୫।୪ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକ ତଥା ରାଜନଗର ନିର୍ବାଚନ ମଣ୍ଡଳୀ ଅଧୀନ ଦୋଷିଆ ଛକ ଠାରେ ବୁଧବାର ସନ୍ଧ୍ୟାରେ ବିଜେଡିର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦୋଷିଆ ସରପଞ୍ଚ ପ୍ରଭାତ ରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିଲେ । ଏହି ସଭାରେ ରାଜନଗର ବିଧାନସଭା ବିଜେଡି ପ୍ରାର୍ଥୀ ଧ୍ରୁବ ସାହୁ ଓ କେନ୍ଦ୍ରାପଡା ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କୁ ଯୋଗ ଦେବାକୁ କୁହାଯାଇଥିଲେ ମଧ୍ୟ ସେମାନେ ଆସି ନ ଥିଲେ । ତଥାପି ଉକ୍ତ ସଭାରେ ୫ ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ, ନେତା ଓ ସମର୍ଥକ ଯୋଗ ଦେଇଥିଲେ। ସଭାରେ ପୂର୍ବତନ କେନ୍ଦ୍ରାପଡା ବିଧାୟକ ତଥା ଜିଲା ବିଜେଡି ସଭାପତି କିଶୋର ଚନ୍ଦ୍ର ତରାଇ, ଜିଲା ସାଧାରଣ ସଂପାଦକ ନିଶିକାନ୍ତ ପ୍ରଧାନ ଯୋଗଦେଇ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବା ପାଇଁ ନିବେଦନ କରିଥିଲେ । ତେବେ ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ଓ କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ଅନୁଭବ ସଭାରେ ଯୋଗ ନ ଦେବା ନେଇ ଉପସ୍ଥିତ କର୍ମୀ ମହଲରେ ଗୁଞ୍ଜରଣ ସୃଷ୍ଟି ହୋଇଥିଲା । ସଭାରେ ଗୌରାଙ୍ଗ ସୂତାର, ଜଳଧର ଓଝା, ଜ୍ୟୋତି ପ୍ରଧାନ, ରାଜନଗର ଯୁବ ନେତା ବୈବ୍ରତ ବିଶ୍ୱାଳ, କଣ୍ଡିରା ପଞ୍ଚାୟତ ସମିତି ସଭ୍ୟ ଅମର ରାଉତ, ହିରଣ୍ୟ ସ୍ୱାଇଁ, ଅନୁପ ରାଉତ, ଶଶୀଭୂଷଣ ଷଡଙ୍ଗୀ, ଅଞ୍ଜନ ସ୍ୱାଇଁ, ନିର୍ମଳ ରାଉତଙ୍କ ସମେତ ବହୁ ନେତା ଯୋଗ ଦେଇ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ହାତ ମୁଠା ଟାଣ କରିବା ପାଇଁ ନିବେଦନ କରିଥିଲେ । ଆସନ୍ତା ୨୯ ତାରିଖରେ କେନ୍ଦ୍ରାପଡା ଜିଲାରେ ନିର୍ବାଚନ ଅନୁଷ୍ଠିତ ହେଉଥିବା ବେଳେ ସଚେତନ ଭୋଟରମାନେ ଜଣେ ସଚ୍ଚୋଟ, ନିଷ୍ପାପର ପ୍ରାର୍ଥୀଙ୍କ ଉପରେ ନଜର ରଖିଛନ୍ତି । ନିର୍ବାଚନରେ ବିଜୟୀ ହେବା ପାଇଁ ସବୁ ଦଳର ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି ।

■ ଅଳଭା-ଗଣ୍ଡାକିଆ ରାସ୍ତା କାର୍ଯ୍ୟ ନିମ୍ନମାନର

# ରାସ୍ତାକୁ ଆସି ଲୋକେ ବିରୋଧ କଲେ

**ପଟ୍ଟାମୁଣ୍ଡାଇ, ୨୫।୪ (ସ୍ୱ.ପ୍ର)**


ରାସ୍ତା କାମ ନିମ୍ନମାନର ହୋଇଥିବାରୁ ଲୋକେ ସହକାରୀ ଯନ୍ତ୍ରୀଙ୍କ ଭେଟି ଅଭିଯୋଗ କରୁଛନ୍ତି।

ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ଅଧୀନ ଅଳଭା ଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ପ୍ରାୟ ୯ କିମି ରାସ୍ତା ପିଚୁ କରିବା ପାଇଁ ୯ ଲକ୍ଷ ଟଙ୍କାର ଟେଣ୍ଡର କରାଯାଇ କାମ ଚାଲିଛି । ମାତ୍ର ନିମ୍ନମାନର କାମ ଯୋଗୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ମରଣଯନ୍ତା ପାଲଟିଥିବା ଏହି ରାସ୍ତା ଉପରେ ଦୈନିକ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ମହାକାଳପଡା ଓ ରାଜନଗର ଅଞ୍ଚଳର ଜନସାଧାରଣ ନିର୍ଭର କରିଥାନ୍ତି । ଏହି ରାସ୍ତା ଦୁଇ ଦୁଇ ଥର ପିଚୁ କରାଯାଇଥିଲେ ହେଁ ନିମ୍ନମାନର କାର୍ଯ୍ୟ ହେଉଥିବାରୁ ଅବସ୍ଥା ସୁଧୁରି ପାରୁନାହିଁ । ଏବେ ପିଚୁ କାର୍ଯ୍ୟ ଚାଲିଥିବା ବେଳେ ତାହା ନିମ୍ନମାନର କରାଯିବାରୁ ଲୋକେ ଗୁରୁବାର ଖଡିଅଣ୍ଡା ଗଡାଠାରେ ଏକତ୍ରିତ ହୋଇ ସଂପୃକ୍ତ ଠିକାଦାର ଓ ସୁପରଭାଇଜରଙ୍କୁ ବିରୋଧ କରିଛନ୍ତି । ଯାହା କି ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ଠିକ୍ ଭାବେ କାମ କରା ନ ଗଲେ ଲୋକେ ପିଚୁ କାର୍ଯ୍ୟ କରାଇ ଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ଅଳଭା ଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତାକୁ ପିଚୁ କରିବା ପାଇଁ ୨୦୧୫ ମସିହାରେ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ମାତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏହି ରାସ୍ତା ଏ ପର୍ଯ୍ୟନ୍ତ ଗମନାଗମନ ଉପଯୋଗୀ ହୋଇ ପାରିନାହିଁ ।

## ମେଧାବୃତ୍ତି ପରୀକ୍ଷାରେ ୧୬ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ଆଳି, ୨୫।୪ (ଡି.ଏନ୍.ଏ.)**


କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନିକଟରେ ପ୍ରକାଶ ପାଇଥିବା ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷାରେ ଆଳି ବ୍ଲକର ପ୍ରମୁଖ ଶିକ୍ଷାନୁଷ୍ଠାନ ଶରତ କୁମାର ଦେବ ନୋଡାଲ ହାଇସ୍କୁଲର ଛାତ୍ରୀଛାତ୍ରମାନେ ଅଧିକ ସଂଖ୍ୟାରେ ସଫଳତା ପାଇଛନ୍ତି। ବ୍ଲକରେ ମୋଟ ୧୬ ଛାତ୍ରୀଛାତ୍ର ସଫଳତା ହାସଲ କରିଥିବା ବେଳେ ଉକ୍ତ ବିଦ୍ୟାଳୟର ୫ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ଉକ୍ତ ବିଦ୍ୟାଳୟର ପ୍ରଜ୍ଞାପରମିତା ପଣ୍ଡା ୧୦୭ ନମ୍ବର ରଖି ୩ୟ ସ୍ଥାନ ଅଧିକାର କରିଥିବା ବେଳେ ଏମ୍‌ଡି ତାହିଦ ୧୦୨ ନମ୍ବର ରଖି ଜିଲାରେ ୫ମ ସ୍ଥାନରେ ରହିଛନ୍ତି। ସେହିପରି ସୋନାଲି ତ୍ରିପାଠୀ, ଶୁଭକାନ୍ତ ଦାସ ଓ ଇଶାରାଣି ସେନାପତି ମଧ୍ୟ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ମେଧାବୃତ୍ତି ପାଇଥିବା କରିଥିବା ଶରତ କୁମାର ଦେବ ନୋଡାଲ ହାଇସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ବୁଧବାର ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଧାନଶିକ୍ଷକ ନୃସିଂହ ଚରଣ ନନ୍ଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଏମ୍ ସେନାପତି, ବରିଷ୍ଠ ଶିକ୍ଷକ ବିଜୟ କୁମାର ବୋଇତି, ଶିବପ୍ରସାଦ ସାହୁ, ସୁକାନ୍ତ କୁମାର ଦାଶ, ପ୍ରକାଶ କୁମାର ନାୟକ, ଗୀତା ମିଶ୍ର, ରୀତାଞ୍ଜଳି ପଣ୍ଡା, ରୋଜାଲିନ ସାମନ୍ତରାୟ, ତୁଳସୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ମହୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରିତୁପର୍ଣ୍ଣା ମିଶ୍ର, ସ୍ୱାଗତିକା ତରାଇ, ଜ୍ଞାନରଞ୍ଜନ ପାତ୍ରଙ୍କ ସମେତ ଅନ୍ୟ କେତେକ ସ୍କୁଲର ଛାତ୍ରୀଛାତ୍ର ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ସଂକ୍ଷେପରେ

### ଆଜି ଆସୁଛନ୍ତି ନବୀନ ଓ ଧର୍ମେନ୍ଦ୍ର

**ବାଲିକୁଦା,୨୫।୪(ସ୍ୱ.ପ୍ର.):** ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ ଶୁକ୍ରବାର ୨ଟି ବଡ଼ ଧରଣର ନିର୍ବାଚନୀ ସଭା ହେବ। ଗୋଟିଏ ମଞ୍ଚରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାକୁ ଥିବାବେଳେ ଅନ୍ୟ ଏକ ମଞ୍ଚରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ପ୍ରଚାର କରିବେ। ଏହି ନିର୍ବାଚନମଣ୍ଡଳୀର ଗୋଡ଼ାଠାରେ ଆୟୋଜିତ ସଭାରେ ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ ଓ ଏମ୍‌ପି ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ପ୍ରଚାର କରିବେ। ତେଣୁ ବିଜେଡି କର୍ମୀମାନେ ବେଶ୍ ଉତ୍ସାହିତ ହୋଇପଡିଛନ୍ତି। ସେହିପରି ବୋରିକିନା କଲେଜ ପଡିଆରେ ଅନୁଷ୍ଠିତ ସଭାରେ ଧର୍ମେନ୍ଦ୍ର ଓ ବୈଜୟନ୍ତ ଦଳୀୟ ବିଧାୟକ ପ୍ରାର୍ଥୀ ଦାମୋଦର ରାଉତ ଓ ଏମ୍‌ପି ପ୍ରାର୍ଥୀ ବିଭୁ ପ୍ରସାଦ ତରାଇଙ୍କ ପାଇଁ ପ୍ରଚାର କରିବେ।

### କଂଗ୍ରେସ, ସିପିଆଇଏମ୍‌ର ନିର୍ବାଚନୀ ସଭା

**ବିରିଡ଼ି/ବାଲିଆ,୨୫।୪(ଡି.ଏନ.ଏ):** ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଦେବୀ ପ୍ରସାଦ ମଲ୍ଲିକ ଓ ଜଗତସିଂହପୁର ଏମ୍‌ପି ପ୍ରାର୍ଥୀ ପ୍ରତିମା ମଲ୍ଲିକ ଗୁରୁବାର ବିରିଡ଼ି ବ୍ଲକର ୨ ନମ୍ବର ଜୋନରେ ଶୋଭାଯାତ୍ରା କରିଛନ୍ତି। ବିରିଡ଼ି ବ୍ଲକ ୨ ନଂ. ଜୋନର କଂଗ୍ରେସ ସଭାପତି ଚନ୍ଦ୍ରଶେଖର ଦାଶଙ୍କ ନେତୃତ୍ୱରେ ଉଭୟ ପ୍ରାର୍ଥୀ ବାଲିଆଷ୍ଟୋରଠାରେ ଥିବା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଅଣଖିଆ, ସଡେଇଶାସନ ଦେଇ ୨୨ ମୌଜାର ବାଗଲପୁର, ପୁରଣ, ମଙ୍ଗୁଲି, ଉକୁନ୍ଦରା, ବାସନ୍ଦରା, ବାରଡିଆ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରି ଭୋଟ ଭାକ୍ଷା କରିଥିଲେ। ତାଙ୍କ ସହିତ ସିପିଆଇଏମର ଜଗତସିଂହପୁର ଜିଲା ସମ୍ପାଦକ ଲୋଭାକାନ୍ତ ସ୍ୱାଇଁ, ସିପିଆଇଏମ ଜିଲ୍ଲା କିମିଟି ସଭ୍ୟ ଗଣେଶ ଚନ୍ଦ୍ର ମାଣିଆ, ଯୁଧିଷ୍ଠିର ଦାସ, ନଟବର ପଲେଇ, ବେଣୁଧର ବାରିକ ପ୍ରମୁଖ ସାମିଲ ହୋଇଥିଲେ। ପରେ ବିରିଡ଼ି ହାଟଠାରେ ଏକ ନିର୍ବାଚନୀ ସଭା କରାଯାଇଥିଲା। ଏଥିରେ ୨ ପ୍ରାର୍ଥୀଙ୍କ ସହ ୨ ନମ୍ବର ଜୋନ କଂଗ୍ରେସ ସଭାପତି ଦାଶ, ଆଡଭୋକେଟ ଦୀପକ ପଶାୟତ, କିଶୋର ଚନ୍ଦ୍ର ପାଳ ଓ ସିପିଆଇଏମର ନେତୃବୃନ୍ଦ ଉପସ୍ଥିତ ରହି ଚଳିତ ନିର୍ବାଚନରେ କଂଗ୍ରେସକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ।

### ବାଲିକୁଦାରେ ଭାଜପାର ଶୋଭାଯାତ୍ରା

**ବାଲିକୁଦା,୨୫।୪(ସ୍ୱ.ପ୍ର.):** ବାଲିକୁଦାରେ ଗୁରୁବାର ଭାଜପା ପକ୍ଷରୁ ବିଧାୟକ ପ୍ରାର୍ଥୀ ଡା. ଦାମୋଦର ରାଉତ ଶୋଭାଯାତ୍ରା କରିଛନ୍ତି। ଅରିଲୋ ପଞ୍ଚାୟତ ସଦେଇପୁର ଛକଠାରୁ ସେ ଶୋଭାଯାତ୍ରାରେ ବାହାରି ଡେଙ୍ଗାପୋଲ, ବାଲିକୁଦା, କଣିଆ, ଈଶ୍ୱରପୁର, ଆମ୍ବଶାଳ, ତିହୁଡି, ମାଛଗାଁ ବଜାର ଦେଇ ଅପଣ୍ଡରା, ଖାଲଗାଁ, ନହରଣ, ଦଶବାଟିଆ, ରାହାଣ ଆଦି ଅଞ୍ଚଳ ବୁଲିଥିଲେ। ବଡ଼ରୋଡ଼ଙ୍ଗ ସ୍ଥିତ ମା' ଉଗ୍ରତାରା ମନ୍ଦିରଠାରେ ଏକ ପଥପ୍ରାନ୍ତ ସଭା କରାଯାଇଥିଲା। ପରେ ବୋରିକିନା ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ସଞ୍ଜୟ କୁମାର ମହାନ୍ତି, ସୁଦର୍ଶନ ବେହେରା, ଚିତ୍ତରଞ୍ଜନ କଂସ, ରଘୁନାଥ ସ୍ୱାଇଁ, ଶିବବ୍ରତ ଦାସ, ବିନୟ ମହାପାତ୍ର, ଜ୍ୟୋତିରଞ୍ଜନ ବିଶ୍ୱାଳ, ତପନ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ମୋହିତ ମହାନ୍ତି, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଅମିତା ଦାସ ପ୍ରମୁଖ ଯୋଗ ଦେଇଥିଲେ।

### କର୍ମୀଙ୍କ ସହ ଦାମଙ୍କ ଆଲୋଚନା



**ଏରସମା,୨୫।୪(ସ୍ୱ.ପ୍ର.):** ଆସନ୍ତା ୨୯ ତାରିଖରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବାବେଳେ ପ୍ରାର୍ଥୀମାନେ ଜୋରଦାର ପ୍ରଚାର କରିବା ସହ କର୍ମୀ ସମ୍ମିଳନୀ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଦାମୋଦର ରାଉତ ସିହା ଗ୍ରାମରେ କର୍ମୀମାନଙ୍କ ସହ ଚଳିତ ନିର୍ବାଚନରେ ଆଲୋଚନା କରିଛନ୍ତି।

■ ତିର୍ତ୍ତୋଲରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା

# ସଫଳ ହେବନି କେନ୍ଦ୍ରର ଚକ୍ରାନ୍ତ

**ତିର୍ତ୍ତୋଲ,୨୫।୪(ଡି.ଏନ.ଏ.)**

ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ତେନ୍ତୁଳିପଦା ପଞ୍ଚାୟତ କାଳିପଡ଼ିଆରେ ଗୁରୁବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଏଠାରେ ଆୟୋଜିତ ନିର୍ବାଚନୀ ସଭାରେ ସେ କହିଲେ ଯେ, କାଳିଆ ଟଙ୍କା ପ୍ରଦାନରେ କେନ୍ଦ୍ରର ଚକ୍ରାନ୍ତ ସଫଳ ହେବାକୁ ଦିଆଯିବନି। ସରକାର ପୁଣି କ୍ଷମତାକୁ ଆସିବାର ପ୍ରଥମ ଦିନରେ ସବୁ ଚାଷୀଙ୍କୁ ଦୁଇକିସ୍ତିରେ ୧୦ ହଜାର ଟଙ୍କା ଏକ ସଙ୍ଗରେ ପ୍ରଦାନ କରାଯିବ। ସବୁ ଚାଷୀଙ୍କୁ କାଳିଆ ସହାୟତା ରାଶୀ ମିଳିବ।

ଏହି ଅବସରରେ ସେ ବିଧାୟକ ପ୍ରାର୍ଥୀ ବିଷ୍ଣୁ ଚରଣ ଦାସ ଓ ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେଇ ଜିତାଇବାକୁ ଆହ୍ୱାନ ଦେଇଥିଲେ। ସେହିପରି ୨ ପ୍ରାର୍ଥୀ ବିଷ୍ଣୁ ଓ ରାଜଶ୍ରୀ ସଭାମଞ୍ଚରେ ଉପସ୍ଥିତ ରହି ରାଜ୍ୟରେ ପୁଣି ଥରେ ବିଜେଡି ସରକାର ଆଣିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏଥିରେ ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ବସନ୍ତ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଜିଲାର ଦଳୀୟ ପର୍ଯ୍ୟବେକ୍ଷକ ଭୁପିନ୍ଦର ସିଂ, କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ, ଜିଲା ପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ବିଜେଡି ଜିଲା ସଭାପତି ଅମରେନ୍ଦ୍ର ଦାସ, ଅଭିନେତା ଅରିନ୍ଦମ ରାୟ, ଜିଲାପରିଷଦ ସଭ୍ୟା ଲିପାଲି ରାଉଳ, ଡେଜାଲିନ ମହାପାତ୍ର, ସୁରେନ୍ଦ୍ର ମହାପାତ୍ର, ପୂର୍ବତନ ଜିଲାପରିଷଦ ସଭ୍ୟ ମନୋଜ ମହାନ୍ତି, ବ୍ଲକ ବିଜେଡି ସମ୍ପାଦକ ଅମର ସାହୁ, ବଜେଡି ଛାତ୍ରନେତା ବିମଳ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁ ଦାସ ଓ ଏମ୍‌ପି ପ୍ରାର୍ଥିନୀ ରାଜଶ୍ରୀ ମଲ୍ଲିକ।

### ନବନିର୍ମାଣ କୃଷକ ସଙ୍ଗଠନ କର୍ମକର୍ତ୍ତା ଗିରଫ

**ତିର୍ତ୍ତୋଲ,୨୫।୪(ଡି.ଏନ.ଏ.):** ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରିବା ପାଇଁ ସଭାମଞ୍ଚ ନିକଟକୁ ଯିବାକୁ ଉଦ୍ୟମ କରୁଥିବା ନବନିର୍ମାଣ କୃଷକ ସଙ୍ଗଠନ କର୍ମକର୍ତ୍ତାଙ୍କୁ ଗୁରୁବାର ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ସାରଳା ରୋଡଠାରୁ ପୋଲିସ ଗିରଫ କରିଛି। ସେମାନେ ବିଭିନ୍ନ ସ୍ଲୋଗାନ ଦେଇ ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳକୁ ଯାଉଥିଲେ। ପୋଲିସ ଅଟକାଇବାରୁ ଧସ୍ତାଧସ୍ତି ହୋଇଥିଲା। ସେମାନଙ୍କ ମଧ୍ୟରୁ ରାଜ୍ୟ ସହସଂଯୋଜକ ଶେଷଦେବ ନନ୍ଦଙ୍କ ସମେତ ପ୍ରସନ୍ନ ନନ୍ଦ, ପ୍ରସନ୍ନ ପ୍ରଧାନ, ମମତା ନାଥ, ସନ୍ତୋଷ ପାତ୍ରଙ୍କୁ ପୋଲିସ ଗିରଫ କରି ଥାନାକୁ ନେଇଥିଲା। ଧାନର ମୂଲ୍ୟ ବୃଦ୍ଧି, ଚାଷୀଙ୍କୁ ପ୍ରାଇସ, ପ୍ରେଷ୍ଟିଜ୍ ଓ ପେନ୍‌ସନ ପ୍ରଦାନ ଦାବିରେ ସେମାନେ ଯେତେଥର ଭୁବନେଶ୍ୱର ଯାଇଛନ୍ତି ସେତେଥର ସରକାର ପୋଲିସ ଲଗାଇ ବିରୋଧ କରିଛନ୍ତି। ତେଣୁ ଚାଷୀମାନେ କାହିଁକି ତାଙ୍କୁ ବିରୋଧ ନ କରିବେ ବୋଲି କହି କର୍ମକର୍ତ୍ତାମାନେ ଭୋଟ୍ ବର୍ଜନ ଡାକରା ଦେଇଛନ୍ତି।

# ବିଜେଡିର କର୍ମୀ ସମ୍ମିଳନୀ, ଯୋଗଦେଲେ ଭାଜପା କର୍ମୀ

**ବାଲିଆ,୨୫।୪**

ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅଧୀନ ବିରିଡ଼ି ବ୍ଲକର ବଡ଼ଖଣ୍ଡାଏତା ଓ ଉତ୍ତରଶାସନ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବଡ଼ଖଣ୍ଡାଏତା ପଞ୍ଚାୟତର କାକମଠ ପ୍ରାଙ୍ଗଣରେ ଯୁବନେତା ରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଜିଲାପରିଷଦ ସଭ୍ୟ ନେତ୍ରାନନ୍ଦ ପାତ୍ର, ଯୁବନେତା ତୃପ୍ତି ରାୟ, ଜିଲା ସଂଖ୍ୟାଲଘୁ ସେଲ୍‌ର ଅଧ୍ୟକ୍ଷ ମିର ଆଜମିର ଅଲ୍ଲି, ରାଜ୍ୟ ସମ୍ପାଦିକା ମିନତି ଦାସ, ପଞ୍ଚାୟତ ସଭାପତି ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ

ବିଧାୟକ ପ୍ରାର୍ଥୀ ବିଷ୍ଣୁ ଦାସ ଓ ଏମପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ତେବେ ବୈଠକରେ କୌଣସି ପ୍ରାର୍ଥୀ କିମ୍ବା ବ୍ଲକ ବିଜେଡି ସଭାପତି, ଯୁବ ସଭାପତି ପ୍ରମୁଖ ଉପସ୍ଥିତ ନ ଥିଲେ। ଶେଷରେ ବୈଠକରେ ଗତ ପଞ୍ଚାୟତ ନିର୍ବାଚନରେ ସ୍ୱାଧୀନ ଭାବେ ଜିଲା ପରିଷଦ ପ୍ରାର୍ଥୀ ହୋଇଥିବା ରଞ୍ଜନ ବେହେରାଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହାର କରିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। ସେହିପରି ଉତ୍ତରଶାସନ ପଞ୍ଚାୟତରେ କବି ପିତାମ୍ବର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସମ୍ପାଦିକା ମିନତି ଦାସ, ରାଜ୍ୟ ପରିଷଦ ସଭ୍ୟ ନୃସିଂହ ଦାଶ, ପୂର୍ବତନ ଜିଲା ପରିଷଦ ସଭ୍ୟ ନେତ୍ରାନନ୍ଦ ପାତ୍ର, ଯୁବ ସଂଗଠକ ତୃପ୍ତି ରାୟ ପ୍ରମୁଖ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ଆହ୍ୱାନ ଦେଇଥିଲେ। ଦେବେନ୍ଦ୍ରନାଥ ବେହେରା, ବିଶ୍ୱନାଥ ପଣ୍ଡା, ସୂର୍ଯ୍ୟମଣୀ ଶତପଥୀ, ସଞ୍ଜୀବ ମହାନ୍ତି, ଚନ୍ଦ୍ରମଣୀ ବେହେରା, ଜିଲ୍ଲାପରିଷଦ ସଭ୍ୟ ପ୍ରତାପ ବେହେରା, ଅକ୍ଷୟ କୁମାର ବ୍ରହ୍ମା, ଖଗେଶ୍ୱର ମହାରଣା, ସୁମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ହାଜିପୁର ମଣ୍ଡଳ ଭାଜପା ସାଧାରଣ ସମ୍ପାଦକ ବିଭୁପ୍ରସାଦ ଦାଶ, ପଞ୍ଚାୟତ ପ୍ରମୁଖ ବାସୁଦେବ ରଥ, ୱାର୍ଡସଭ୍ୟ କାଞ୍ଚନବାଳା ସାହୁ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। ତାଙ୍କୁ ଭାଜପା ତଥା ବର୍ତ୍ତମାନ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ଅଣଦେଖା କରୁଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରି ଦଳ ଛାଡ଼ିଥିବା କହିଛନ୍ତି।



ବାଲିଆରେ ଅନୁଷ୍ଠିତ ବିଜେଡି କର୍ମୀ ସମ୍ମିଳନୀ।

# ନାଉଗାଁରେ ବିଜେଡି ଓ କଂଗ୍ରେସର ମିଶ୍ରଣ ପର୍ବ



ବିଜେଡିରେ ସାମିଲ ହୋଇଥିବା କର୍ମୀଙ୍କୁ ପ୍ରଶାନ୍ତ ସ୍ୱାଗତ କରୁଛନ୍ତି।



ଚିରଞ୍ଜୀବଙ୍କ ଉପସ୍ଥିତିରେ କଂଗ୍ରେସରେ ସାମିଲ ହୋଇଥିବା କର୍ମୀ।

**ନାଉଗାଁ,୨୫।୪(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି କର୍ମୀମାନଙ୍କ ମଧ୍ୟରେ ଦଳ ଡିଆଁ ସେତିକି ବଢି ଚାଲିଛି। ଗୁରୁବାର ନାଉଗାଁ ପଞ୍ଚାୟତ ମାରେଡା ଗ୍ରାମରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲିଙ୍କ ଉପସ୍ଥିତିରେ ୧୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଦଳରେ ସାମିଲ ହୋଇଥିଲେ। ଭରତ ନାୟକ, ପ୍ରଶାନ୍ତ ଦାସ, ବୁଲୁ ଦାସ, ତୋଫାନ ରାଉତ, ବାବୁଲି ଦାସ, ହରି ଭଞ୍ଜ, ଶଙ୍କର ମଲିକ, କ୍ଷେତ୍ର ମୋହନ ସାମଲ ପ୍ରମୁଖ କଂଗ୍ରେସ ଛାଡ଼ି ବିଜେଡିରେ ମିଶିଥିଲେ। ମୁଦୁଲି ସେମାନଙ୍କୁ ସ୍ୱାଗତ କରିବା ସହ ସୁବିଧା ଅସୁବିଧାରେ ସହଯୋଗ କରିବେ ବୋଲି କହିଥିଲେ। ସେହିପରି କଂଗ୍ରେସ ପକ୍ଷରୁ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବ ହୋଇଛି। ଏଥିରେ ନାଉଗାଁ ପଞ୍ଚାୟତ କୋକିଡିହର ଦିଲୀପ କୁମାର ଦାସ, ମହେନ୍ଦ୍ର ସାହୁ, ଦୁର୍ଗା ଚରଣ ସାହୁ, ବାବାଜୀ ସାହୁ, ଚୈତନ୍ୟ ସାହୁ, ମଙ୍ଗୁଳି ସେଠୀ, ବାପି ସାହୁ, ରାମଚନ୍ଦ୍ର ମହାନ୍ତି, ରଜନୀକାନ୍ତ ସାହୁ, ସନ୍ତୋଷ ସାହୁ, ଅନାଦି ସାହୁ ପ୍ରମୁଖ ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଥିଲେ। ସେମାନଙ୍କୁ ବିଶ୍ୱାଳ ସ୍ୱାଗତ କରିଥିଲେ।

### ବିଜେଡି କର୍ମୀ ସମ୍ମିଳନୀ

**ବାଲିକୁଦା,୨୫।୪(ସ୍ୱ.ପ୍ର.)**

କୃଷ୍ଣଦାସପୁର ସ୍ଥିତ ମା' ବିରଜାଇଙ୍କ ପୀଠରେ ବିଜେଡିର ଏକ କର୍ମୀ ସମ୍ମଳନୀ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ବିଜେଡି ସଭାପତି ବ୍ରଜବନ୍ଧୁ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ, ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ, ସମିତିସଭ୍ୟ ବାବାଜି ଦାସ, ଦମୋଦର ରଥ, ରବୀନ୍ଦ୍ର ମହାପାତ୍ର, ତପନ କୁମାର ପଣ୍ଡା, ଛବି ପଣ୍ଡା, ସୁବାସ ନନ୍ଦ, ରଞ୍ଜନ ମହାନ୍ତି, ବିମଳ ରଥ, ମାନସ ରଞ୍ଜନ ବିଶ୍ୱାଳ, ହାଡିବନ୍ଧୁ ପାଣି, ବାବାଜୀ ସେନାପତି ପ୍ରମୁଖ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ଆହ୍ୱାନ ଦେଇଥିଲେ।

### ଭାଜପା ରାଜ୍ୟ ମହିଳା ସମ୍ପାଦିକାଙ୍କ ପ୍ରଚାର

**କୁଜଙ୍ଗ,୨୫।୪(ସ୍ୱ.ପ୍ର.)**

ପାରାଦୀପ ନିର୍ବାଚନମଣ୍ଡଳୀର କୁଜଙ୍ଗରେ ଭାଜପାର ପ୍ରଚାର ଏବେ ଜୋର ଧରିଛି। ଗୁରୁବାର ସାମନ୍ତରାପୁରରେ ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ରୋଡ୍ ଶୋ କରିଛନ୍ତି। ସେହିପରି ପାରାଦୀପ ଗଡରେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ ସମ୍ପଦଙ୍କ ପାଇଁ ଭୋଟ୍ ଭୀକ୍ଷା କରିଛନ୍ତି। ରଶ୍ମିରୋଖା ସାଧାରଣ ଜନତାଙ୍କ ସହ ମିଶି ମୋଦି ସରକାରଙ୍କ ସଫଳତା ଓ ନବୀନ ସରକାରଙ୍କ ସ୍ଥାଣୁତା ବିଷୟରେ ବୁଝାଇଥିଲେ। ତାଙ୍କ ସହ ସମ୍ପଦଙ୍କ ମା' ବାସନ୍ତୀ ସ୍ୱାଇଁ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ପ୍ରିୟଦର୍ଶିନୀ, ସୁଶ୍ରିତା ସ୍ୱାଇଁ, ରୋଜାଲିନ୍ ନାୟକ, ମାମିନା ସାମଲ ପ୍ରମୁଖ ବହୁ ମହିଳା ସାମିଲ ହୋଇଥିଲେ।

# ବିଏସ୍ଏଫ୍ ଯବାନଙ୍କ ଫ୍ଲାଗ୍ ମାର୍ଚ୍ଚ

**ବିରିଡ଼ି,୨୫।୪(ଡି.ଏନ.ଏ.)**

ନିର୍ବାଚନକୁ ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ଗୁରୁବାର ବିରିଡ଼ି ଥାନା ଆଇଆଇସି ପାରଓ ଟୁଡୁଙ୍କ ନେତୃତ୍ୱରେ ବିଏସଏଫ ଯବାନଙ୍କ ଦ୍ୱାରା ଫ୍ଲାଗମାର୍ଚ୍ଚ କରାଯାଇଛି। ଏଥିରେ ଏସଆଇ ଜେ. ଲାକ୍ରା, ମାନ ସିଂହ ହେମ୍ରମ, ଏଏସଆଇ ହେମନ୍ତ କୁମାର ପ୍ରଧାନ, ଜେ. ଏନ. ପାତ୍ର, କନ୍‌ଷ୍ଟେବଳ ଅଜୟ ବେହେରା, ଶିବ ପ୍ରସାଦ ମଲ୍ଲିକ, ବୈରାଗୀ ଚରଣ ବାରିକଙ୍କ ସହ ୭ ସେକ୍ସନ ବିଏସଏଫ ଯବାନ ସାମିଲ ହୋଇଥିଲେ।



ବିଏସଏଫ୍ ଯବାନମାନେ ଫ୍ଲାଗ୍‌ମାର୍ଚ୍ଚ କରୁଛନ୍ତି।

# କଂଗ୍ରେସ-ସିପିଆଇର ମିଳିତ ସମାବେଶ

**କୁଜଙ୍ଗ,୨୫।୪(ସ୍ୱ.ପ୍ର.)**

କୁଜଙ୍ଗ ଲୋକନାଥ ଭବନରେ ବୁଧବାର ସନ୍ଧ୍ୟାରେ ସିପିଆଇ ଓ କଂଗ୍ରେସର ମିଳିତ ସମାବେଶ ଅନୁଷ୍ଠିତ ହୋଇଛି। କୁଜଙ୍ଗ ପଞ୍ଚାୟତ କଂଗ୍ରେସ ସଭାପତି ଧନେଶ୍ୱର ଗୁରୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ବିଧାୟକ ପ୍ରାର୍ଥୀ ଅରିନ୍ଦମ ସର୍ଖେଲ ଯୋଗଦେଇ କହିଲେ ଯେ, ଯେଉଁ ପୁରୁଖା କର୍ମୀମାନେ ଅତିତରେ କଂଗ୍ରେସଠାରୁ ଦୂରେଇ ରହିଥିଲେ, ସେମାନେ ଏବେ ସମର୍ଥନ ଜଣାଇଛନ୍ତି। ଜଗତି ଗ୍ରାମ ଏହାର ଉଦାହରଣ। ଭାଜପା 'ଚୌକିଦାର' ଓ ବିଜେଡି 'ଆପଣ ଖୁସି ତ' ବୋଲି ଯେଉଁ ନାରା ଦେଉଛନ୍ତି ତାହାକୁ ସେ ସମାଲୋଚନା କରି ପାରାଦୀପ ମୋ ପରିବାର ବୋଲି ସର୍ଖେଲ କହିଥିଲେ। ସିପିଆଇ ଜୋନ୍ ସମ୍ପାଦକ ଶରତ ବେହେରା, ଶ୍ରୀନିବାସ ଜୁଝାରସିଂହ, ସୁବାସ ମହାପାତ୍ର, ବସନ୍ତ ସାମଲ, ବ୍ଲକ୍ କଂଗ୍ରେସ ଆବାହକ ଏ.ଏନ.ଡି. ଯାଦବ, ୩ନଂ ଜୋନ୍ ସଭାପତି ରମେଶ ଚନ୍ଦ୍ର ଦାସ, ପିସିସି ସଭ୍ୟା ମମତା ମହାନ୍ତି, ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ, ନାରାୟଣ ମଲିକ୍, ସୁବୋଧ ନାରାୟଣ ରାଜଗୁରୁ, ଶିଶିର ନାୟକ, ବାବାଜୀ ଚରଣ ଦାସ, ରଶ୍ମୀ ରଞ୍ଜନ ଦାସ, ପ୍ରଦ୍ୟୁମ୍ନ ପଟ୍ଟନାୟକ, ସେକ୍ ରସିଦ୍, ଅଜୟ ବେହେରା ପ୍ରମୁଖ ବହୁ କର୍ମୀ ଯୋଗଦେଇ ଚଳିତ ନିର୍ବାଚନରେ ସର୍ଖେଲଙ୍କୁ ଜିତାଇବାକୁ ଆହ୍ୱାନ ଦେଇଥିଲେ। ଶୁକ୍ରବାର କୁଜଙ୍ଗ ବ୍ଲକ୍ ପଡିଆରେ ଏକ ସମାବେଶ କରାଯିବ ବୋଲି ସୂଚନା ଦିଆଯାଇଥିଲା।



ସମାବେରେ ଉପସ୍ଥିତ କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲ ଓ ସିପିଆଇର କର୍ମକର୍ତ୍ତା।

# ତୀବ୍ର ହେଲାଣି ପ୍ରଚାର, ଜମୁଛି ଭୋଜିଭାତ ଆସର

**ପାରାଦୀପ,୨୫।୪ (ସ୍ୱ.ପ୍ର.)**

ଚଳିତ ନିର୍ବାଚନର ୪ର୍ଥ ତଥା ଶେଷ ପର୍ଯ୍ୟାୟ ମତଦାନ ଆଉ ମାତ୍ର ୩ ଦିନ ଅଛି। ତେଣୁ ଭୋଟରଙ୍କୁ ନିଜ ସପକ୍ଷରେ ନେବା ଲାଗି ପ୍ରାର୍ଥୀମାନେ ରାତିଦିନ ଏକ କରିଦେଲେଣି। ରୋଡ ଶୋ, ଘରକୁ ଘର ପ୍ରଚାରଠାରୁ ଆରମ୍ଭ କରି ବିପକ୍ଷ ଦଳର କର୍ମୀଙ୍କୁ ନିଜ ପକ୍ଷକୁ ଆଣିବା ପାଇଁ ସେମାନେ ଜୋରଦାର ଉଦ୍ୟମ ଚଳାଇଛନ୍ତି। କର୍ମୀଙ୍କ ଉତ୍ସାହ ବଢାଇବା ପାଇଁ ପଞ୍ଚାୟତ ଓ ପୌର ପାଳିକାର ବିଭିନ୍ନ ୱାର୍ଡରେ ଏବେ ଭୋଜିଭାତର ଆସର ଜମୁଛି। ଏଥିସହ ସୋସିଆଲ ମିଡିଆରେ ପ୍ରତି କର୍ମୀ ପ୍ରଚାର ବେଳର ଫଟୋ, ଭିଡିଓ ଅପ୍‌ଲୋଡ କରିବା ସହ ବିରୋଧୀଙ୍କୁ କଟୁ ସମାଲୋଚନା କରୁଛନ୍ତି। ଏହା ହେଉଛି ରାଜ୍ୟର ଅନ୍ୟତମ ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ ପାରାଦୀପର ଚିତ୍ର। ସାଧାରଣ ଭାବେ ନିର୍ବାଚନ କମିଶନ ଜଣେ ବିଧାୟକ ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ୨୮ଲକ୍ଷ ଟଙ୍କା ଧାର୍ଯ୍ୟ କରିଛନ୍ତି। କିନ୍ତୁ ବର୍ତ୍ତମାନ ପ୍ରମୁଖ ୩ ଦଳ ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀମାନେ ଯେଭଳି ଖର୍ଚ୍ଚ କରୁଛନ୍ତି, ତାହା ଜଣପିଛା କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଛି। ଏଠାରେ ୯ ଜଣ ବିଧାୟକ ପ୍ରାର୍ଥୀ ଥିଲେ ମଧ୍ୟ ଚଳିତଥର ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ତ୍ରିମୁଖି ଲଢେଇ ହେଉଛି।

#### ନିଯୁକ୍ତି, ଅସଜଡ଼ା ଶିଳ୍ପନୀତି ମୁଖ୍ୟ ସମସ୍ୟା

ପାରାଦୀପ ନିର୍ବାଚନମଣ୍ଡଳୀରେ ଅନେକ ସମସ୍ୟା ରହିଥିଲେ ମଧ୍ୟ ନିଯୁକ୍ତି ଓ ଅସଜଡ଼ା ଶିଳ୍ପନୀତି ମୁଖ୍ୟ ପ୍ରସଙ୍ଗ ହୋଇଛି। ଦେବକଲ୍ୟାଣ ସାହୁ ନାମକ ଜଣେ ଭୋଟର କୁହନ୍ତି, କେଉଁ ପ୍ରାର୍ଥୀ ଏସବୁ ସମସ୍ୟାର ସମାଧାନ କରିପାରିବେ ତାହା ଦେଖିବା ଆବଶ୍ୟକ। ଏଠାରେ ଦଳ କିଛି କରିପାରିବ ନାହିଁ। କେନ୍ଦ୍ରରେ ଭାଜପା ଓ ରାଜ୍ୟରେ ବିଜେଡି ଶାସନ ଚାଲିଥିଲେ ମଧ୍ୟ ନିଯୁକ୍ତି କ୍ଷେତ୍ରରେ କେହି ଆବଶ୍ୟକ ପଦକ୍ଷେପ ନେଇପାରିନାହାନ୍ତି। ରାଷ୍ଟ୍ରାୟତ ଉଦ୍ୟୋଗରେ କେନ୍ଦ୍ର ସରକାର ସେପରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ନ ଥିବାବେଳେ ସମାନ ଭାବେ ୧୫ ଶିଳ୍ପ ସଂସ୍ଥାରେ ରାଜ୍ୟ ସରକାର କିଛି କରିନାହାନ୍ତି। ଗତ ୫ ବର୍ଷର ଘଟଣାକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଯେ, ଏଠାରେ ଶିଳ୍ପନୀତି ସମ୍ପୂର୍ଣ୍ଣ ବିଗିଡି ଯାଇଛି। ୫୨ ହଜାର କୋଟି ଟଙ୍କାର ପୋସ୍କୋ ଇଣ୍ଡିଆ ବନ୍ଦ ହୋଇଗଲା। ୨୦୧୪ ଅକ୍ଟୋବରରେ ଅନ୍ୟତମ ଖାଇବାତେଲ କାରଖାନା କାର୍ଗିଲ ଇଣ୍ଡିଆ ବନ୍ଦ ହୋଇଗଲା। ଏବେ ତାକୁ ଅଦାନୀ ଗ୍ରହଣ କରିଛି। କେନ୍ଦ୍ର ସରକାରଙ୍କ ବୈଦେଶିକ ନୀତି, ଆମଦାନୀ ଭିତ୍ତିକ ପେଟ୍ରୋକୋକ୍ କ୍ଷେତ୍ରରେ କଟକଣା ଯୋଗୁ ୨ଟି କାର୍ବନ କାରଖାନା ବନ୍ଦ ହେବା ଅବସ୍ଥାରେ। ଲୁହାପଥର ବଣ୍ଟନ ନିୟମ ଯୋଗୁ ଅନ୍ୟତମ ବୃହତ୍ ଏସାର ଷ୍ଟିଲ ବିକ୍ରି ହେବା ଉପରେ। ମଦ ଉତ୍ପାଦନ କାରଖାନା ସବ୍ ମିଲର ମାସକୁ ୨ରୁ ୫ ଦିନ ଚାଲୁଛି। ପିପିଏଲ୍‌ର ୧୦ ହଜାର କୋଟି ଟଙ୍କା ସମ୍ପ୍ରସାରଣ ଅନିଶ୍ଚିତତା ମଧ୍ୟରେ। ୨୦୦୬ରୁ କାରଖାନା ପାଇଁ ଜମି ଅଧିଗ୍ରହଣ କରିଥିବା ଦୀପକ ଫର୍ଟିଲାଇଜର୍ସ କମ୍ପାନୀ ଗତ ମାର୍ଚ୍ଚ ମାସରେ ଅଫିସ ବନ୍ଦ କରିଛି। ଜନଶୁଣାଣି କରିବା ସତ୍ତ୍ୱେ କାରଖାନା ହେବା ଅନିଶ୍ଚିତତାରେ ରହିଛି। ପାରାଦୀପ ବନ୍ଦରରେ ଗୋଟିକ ପରେ ଗୋଟିଏ ବର୍ଥ ଘରୋଇକରଣ ହେବା ପରେ କର୍ମଚାରୀଓ ଶ୍ରମିକଙ୍କ ସଂଖ୍ୟା ହ୍ରାସ ପାଇଛି। ଲୋକ ପ୍ରତିନିଧିମାନେ ଶିଳ୍ପନୀତିକୁ ସଜାଡ଼ି ପାରିଲେ ଆପଣାଛାଏଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।



ପାରାଦୀପରେ ପ୍ରାର୍ଥୀଙ୍କ ପକ୍ଷରୁ ଭୋଜିଭାତର ଆସର।

#### ଅଦୃଶ୍ୟ ଏମ୍‌ପି ପ୍ରାର୍ଥୀ

ନିର୍ବାଚନ ଆଉ ମାତ୍ର ୩ ଦିନ ଥିବାବେଳେ ବିଧାୟକ ପ୍ରାର୍ଥୀଙ୍କ ସହ ମିଶି ଏମପି ପ୍ରାର୍ଥୀ ଜୋରଦାର ପ୍ରଚାର କରିବା କଥା। କିନ୍ତୁ ବିଡ଼ମ୍ବନାର ବିଷୟ ପାରାଦୀପରେ ୩ ପ୍ରମୁଖ ଦଳ ବିଜେଡି, କଗ୍ରେସ ଓ ଭାଜପାର ଏମ୍‌ପି ପ୍ରାର୍ଥୀଙ୍କ ଦେଖା ମିଳୁନି। ବିଜେଡିର ରାଜଶ୍ରୀ ମଲ୍ଲିକ, ଭାଜପାର ବିଭୁପ୍ରସାଦ ତରାଇ, କଂଗ୍ରେସର ପ୍ରତିମା ମଲ୍ଲିକ ନିର୍ବାଚନ ଲଢୁଛନ୍ତି। ରାଜଶ୍ରୀଙ୍କ ପୋଷ୍ଟର ବିଜେଡିର ଅସ୍ଥାୟୀ କାର୍ଯ୍ୟାଳୟରେ ଦେଖିବାକୁ ମିଳୁଛି। ଥରେ ସେ ପାରାଦୀପ ଆସି ରୋଡ୍ ଶୋ କରିଥିଲେ। ଭାଜପାର ଏମ୍‌ପି ପ୍ରାର୍ଥୀ ବିଭୁପ୍ରସାଦ ତରାଇ ନାମାଙ୍କନ ଦାଖଲ ଦିନ ପାରାଦୀପରୁ ରୋଡ ଶୋ'ରେ ଯାଇଥିଲେ। ପରେ ଆଉ ଆସି ନାହାନ୍ତି। କଂଗ୍ରେସ ପ୍ରାର୍ଥୀ ମଲ୍ଲିକ ଆଦୌ ପାରାଦୀପ ଆସିନାହାନ୍ତି।

#### କର୍ମୀଙ୍କୁ ଏକାଠି ହେବାକୁ ଆହ୍ୱାନ ଦେଲେ ସନ୍ତୋଷ

ପାରାଦୀପର ପ୍ରମୁଖ ଶ୍ରମିକନେତା ତଥା ବିଜେଡି ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସମସ୍ତ କର୍ମୀ ଏକତ୍ରିତ ହେବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ, ପଛ କଥା ଭୁଲି ସମସ୍ତେ ଏକାଠି ହୋଇ ବିଧାୟକ ପ୍ରାର୍ଥୀ ସମ୍ବିତ ରାଉତରାୟ ଓ ଏମ୍‌ପି ପ୍ରାର୍ଥିନୀ ରାଜଶ୍ରୀ ମଲ୍ଲିକଙ୍କୁ ଜିତାଇବାକୁ ହେବ। ସୂଚନାଯୋଗ୍ୟ, ସମ୍ବିତଙ୍କୁ ଦଳ ପ୍ରାର୍ଥୀ କରିବା ପରେ ସନ୍ତୋଷ ବିଦ୍ରୋହ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଦଳ ତାଙ୍କୁ ସମ୍ପାଦକ କରିବା ସହ ମନାଇବାରେ ସଫଳ ହୋଇଛି। ବସବାସ କରୁଛନ୍ତି। ତେଣୁ ସମସ୍ତେ ବିଜେଡି ପ୍ରତି ପ୍ରତିଶ୍ରୁତିବଦ୍ଧତା ଭାବେ କାମ କରିବା ଦରକାର ବୋଲି ସେ ଆହ୍ୱାନ କରିଛନ୍ତି।




# ବଜ୍ରପାତରେ ଯୁବକ ମୃତ

ଯାଜପୁର ରୋଡ,୨୫।୪(ନି.ପ୍ର)

ଯାଜପୁର ରୋଡ ଥାନା ଅନ୍ତର୍ଗତ ମାର୍ଥାପୁର ଗଣ୍ଡପୋଲ ପୋଲ ନିକଟରେ ଗୁରୁବାର ଅପରାହ୍ନରେ ବଜ୍ରପାତରେ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ଅନ୍ୟଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତ ଯୁବକ ଜ୍ୟୋତିରଞ୍ଜନ ସାମଲ(୨୨) ହୋଇଥିବା ବେଳେ ଅକ୍ଷୟ ନାୟକ(୨୨) ଗୁରୁତର ଅବସ୍ଥାରେ ଡୁବୁରୀସ୍ଥିତ ଟାଟା ମେଡିକାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଉଭୟ ମାର୍ଥାପୁର ଗ୍ରାମର ବୋଲି ସୂଚନା ମିଳିଛି । ସେମାନେ ଯୋକଡିଆରୁ ନିଜ ଗ୍ରାମ ମାର୍ଥାପୁରକୁ ଯାଉଥିଲେ। ଏହି ସମୟରେ ଗଣ୍ଡାପୋଲ ନିକଟରେ ସେମାନଙ୍କ ଉପରେ ବଜ୍ରପାତ ହୋଇଥିଲା। ସେମାନଙ୍କୁ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଜ୍ୟୋତିଙ୍କୁ କଟକକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ■ଜିଲା ଯୋଗାଣ ବିଭାଗ ଆକାଉଣ୍ଟ ସେକ୍ସନରେ ଦୁର୍ନୀତି ଘଟଣା

# ପୁଣି ତଦନ୍ତ ନିର୍ଦ୍ଦେଶ ଦେଲେ ଜିଏମ୍

ଯାଜପୁର ଅଫିସ,୨୫।୪

ମତଦାନକୁ ଆଉ ମାତ୍ର ୪ଦିନ ବାକି ଥିବାବେଳେ ଯାଜପୁର ଜିଲା ଯୋଗାଣ ବିଭାଗରେ ମନମାନି, ମିଲର୍ସଙ୍କୁ ଜାଣିଶୁଣି ହଇରାଣ, ବ୍ୟାପକ ପିସି କାରବାର ଓ ଦୁର୍ନୀତି ସରକାରୀ ଦଳକୁ ନିନ୍ଦିତ କରିଛି। ଏନେଇ ଯୋଗାଣ ନିଗମ ପକ୍ଷରୁ ବାରମ୍ବାର ତଦନ୍ତ ନିର୍ଦ୍ଦେଶ ହେଉଥିଲେ ହେଁ କୌଣସି ପ୍ରକାର ସୁଫଳ ମିଳୁନାହିଁ। ଯାହାକୁ ତଦନ୍ତ ଦାୟିତ୍ୱ ଦିଆଯାଉଛି, ସେ ଏହି ଅନିୟମିତତାରେ ଭାଗିଦାରୀ ଥିବାରୁ ତଦନ୍ତ ବାଟବଣା ହେଉଥିବା ଅଭିଯୋଗ ହେଉଛି। ଏପରିକି ଏହି ଦୁର୍ନୀତି ରାଜ୍ୟ ଯୋଗାଣ ନିଗମ ପର୍ଯ୍ୟନ୍ତ ବ୍ୟାପିଥିବା କୁହାଯାଉଛି। ଏହି ମର୍ମରେ ଯୋଗାଣ ନିଗମର ଜେନେରାଲ ମ୍ୟାନେଜର(ଜିଏମ୍) ନରହରି ସେଠୀ ତାଙ୍କ ପତ୍ରସଂଖ୍ୟା ୬୧୨୦/୨୪।୪।୨୦୧୯ରେ ପୁଣି ଥରେ ଜିଲା ଯୋଗାଣ ଅଧିକାରୀଙ୍କୁ ଅଭିଯୋଗର ସତ୍ୟାସତ୍ୟ ଅନୁସନ୍ଧାନ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ନିର୍ବାଚନ ବେଳେ ନିନ୍ଦିତ କରୁଛି ଯୋଗାଣ ବିଭାଗର କାର୍ଯ୍ୟ

ଗତ ମାର୍ଚ୍ଚ ମାସରେ ଜିଲାର ଜଣେ ସମାଜସେବୀ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବିଭାଗୀୟ ଜେନେରାଲ ମ୍ୟାନେଜର ନରହରି ସେଠୀ ତାଙ୍କ ପତ୍ରସଂଖ୍ୟା ୩୮୪୮/୧୩।୩।୨୦୧୯ରେ ଯାଜପୁର ଜିଲା ଯୋଗାଣ ଅଧିକାରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କୌଣସି ସୁଫଳ ମିଳି ପାରି ନ ଥିଲା। ନିକଟରେ ପୁଣି ଜଣେ ସଚେତନ ନାଗରିକ ଜିଲା ଯୋଗାଣ ବିଭାଗ ଆକାଉଣ୍ଟ ସେକ୍ସନରେ ବ୍ୟାପକ ଅନିୟମିତା ହେଉଥିବା ସଂକ୍ରାନ୍ତରେ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଯାଜପୁର ଜିଲା ଯୋଗାଣ ବିଭାଗରେ ସହକାରୀ ମ୍ୟାନେଜର (ଆକାଉଣ୍ଟ) ବିପିନ ବିହାରୀ ପ୍ରଧାନ ଯୋଗଦାନ କରିବା ଦିନଠାରୁ ମନମୁଖୀ କାର୍ଯ୍ୟ ବୃଦ୍ଧି ହୋଇଛି। ଏହି ବିଭାଗରେ ଯୋଗ୍ୟ ଅଧିକାରୀଙ୍କୁ ଠିକ ଭାବରେ ଦାୟିତ୍ୱ ଦିଆଯାଉ ନାହିଁ। ଯୋଗାଣ ନିଗମର ମୁଖ୍ୟ କାର୍ଯ୍ୟାଳୟର ୱାର୍କ ଡିଷ୍ଟ୍ରିବ୍ୟୁଶନ ନିର୍ଦ୍ଦେଶ ଏଠାରେ କାମରେ ଲାଗୁ ନାହିଁ । ଜିଲା ଯୋଗାଣ ଅଧିକାରୀ ସହକାରୀ ମ୍ୟାନେଜର ପ୍ରଧାନଙ୍କ ଇଙ୍ଗିତରେ ପରିଚାଳିତ ହେଉଛନ୍ତି। ବିଲ୍ ହେବା ପାସ ହେବା ପରେ ଏହି ଦୁଇ ଅଧିକାରୀ ମିଲର୍ସ ଓ ଠିକାଦାରଙ୍କ ନିକଟରୁ ମୋଟା ଅଙ୍କର ପିସି ନେଇ ଭାଗବଣ୍ଟା କରିଥାନ୍ତି । ଏନେଇ ଚାଷୀ ପ୍ରତିବାଦ କଲେ ଜିଲା ଓ ରାଜ୍ୟସ୍ତରର ଅଧିକାରୀଙ୍କୁ ସନ୍ତୁଷ୍ଟ କରିବାକୁ ଏହି ଟଙ୍କା ଦିଆଯାଇଥାଏ ବୋଲି ସହକାରୀ ମ୍ୟାନେଜର ପ୍ରକାଶ କରୁଛନ୍ତି। ଯେଉଁ ମିଲର୍ସ ପିସି ଦେବାରେ ମନା କରିଥାନ୍ତି ସେମାନଙ୍କ ଚାଉଳ ଡେଲିଭରି ସମୟରେ ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବ କରାଯାଉଛି। ଏହାବାଦ ଠିକା କର୍ମଚାରୀ ନିଯୁକ୍ତି ସମୟରେ ସହକାରୀ ମ୍ୟାନେଜର ପ୍ରଧାନ ମୋଟା ଅଙ୍କର ଅର୍ଥ କାରବାର କରିଥାନ୍ତି। ଯାଜପୁର ଜିଲା ମଙ୍ଗଳପୁର ଆରଆରସିରେ ନିଯୁକ୍ତି ଦିଆଯାଇଥିବା ଜଣେ କର୍ମଚାରୀ ଏହାର ଉଦାହରଣ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ଏଭଳି ଅନେକ ଦୁର୍ନୀତି ଓ ଅନିୟମିତତା ଚାଲିଥିଲେ ହେଁ ଜିଲା ଯୋଗାଣ ଅଧିକାରୀ ଆଖି ବୁଜି ଦେଇଛନ୍ତି । ପୂର୍ବରୁ ସଂଗ୍ରହ ନୀରିକ୍ଷକ(ପିଆଇ), ହ୍ୟାଣ୍ଡଲିଂ କଣ୍ଟ୍ରାକ୍ଟର, ଲେବୁଲ-୧ ଓ ଲେଭଲ-୨ ଠିକାଦାରଙ୍କୁ ବ୍ଲାକମେଲିଂ କରି ନିଗମ ମୁଖ୍ୟକାର୍ଯ୍ୟାଳୟର ଉଚ୍ଚ ପଦସ୍ଥର ଅଧିକାରୀଙ୍କ ନାମରେ ମାସିକ ଲକ୍ଷାଧିକ ଟଙ୍କା ଅସୁଲ କରାଯାଉଥିବା ଅଭିଯୋଗ ହୋଇଥିଲା। ପ୍ରତ୍ୟେକ ମାସରେ ଆରଆରସିରେ ଦେଉଥିବା ଚାଉଳ ବାବଦକୁ କୁଇଣ୍ଟାଲ ପିଛା ୧୦ ଟଙ୍କା ହିସାବରେ ମିଲର୍ସ ଓ ପରିବହନ କମ୍ପାନୀଠାରୁ ଲକ୍ଷାଧିକ ଟଙ୍କା ମାସର ପ୍ରଥମ ସପ୍ତାହରେ ଆଦାୟ ହୋଇଥାଏ । ଏଥିଯୋଗୁ ସଂପୃକ୍ତ କେତେକ କର୍ମଚାରୀ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରି କୋଟିପତି ସାଜିଥିବା ଅଭିଯୋଗ ଉଠିଥିଲା। ଏନେଇ ପୂର୍ବରୁ ତଦନ୍ତ ନିର୍ଦ୍ଦେଶ ହୋଇଥିଲେ ହେଁ କାରସାଦି କରି ତାକୁ ଚପାଇ ଦିଆଗଲା । ଏବେ ପୁଣି ତଦନ୍ତ ନିର୍ଦ୍ଦେଶ ହୋଇଥିବାରୁ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ହୋତା କୁହନ୍ତି ସହକାରୀ ମ୍ୟାନେଜରଙ୍କ ନାମରେ ହୋଇଥିବା ଅଭିଯୋଗର ତଦନ୍ତ ଚାଲିଛି। ତଦନ୍ତ ଆଧାରରେ ରିପୋର୍ଟ ଦାଖଲ କରାଯିବ। ତେବେ ଏଥିରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ ବୋଲି ଯୋଗାଣ ଅଧିକାରୀ ହୋତା କହିଛନ୍ତି।




# ଯୁବତୀଙ୍କୁ ଉଠାଇ ନେବାକୁ ଧମକ ଅଭିଯୋଗ

ରସୁଲପୁର,୨୫।୪(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡିହ ପଞ୍ଚାୟତର ଜଇସୁଙ୍ଗଡା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଯାଜପୁର ଟାଉନ ଅଞ୍ଚଳର ଶ୍ରୀକାନ୍ତ ସାହୁ ନାମକ ଯୁବକଙ୍କ କାର୍ଯ୍ୟକଳାପକୁ ନେଇ ଉତ୍ତେଜନା ଦେଖାଦେଇଛି। ଉକ୍ତ ଯୁବକ ଗ୍ରାମର ଜଣେ ଯୁବତୀଙ୍କୁ ଉଠାଇ ନେବାକୁ କହିବାରୁ ପରିବାର ଲୋକଙ୍କ ମଧ୍ୟରେ ଆତଙ୍କ ଉତ୍ତେଜନା ଦେଖା ଦେଇଥିଲା। ଏ ସମ୍ପର୍କରେ ପରିବାର ଲୋକେ ଗାଁ ଲୋକଙ୍କ ସହାୟତା ନେଇଥିଲେ। ଗାଁ ଲୋକେ ଶ୍ରୀକାନ୍ତଙ୍କ ଗାଡ଼ି ଜବତ କରିଥିଲେ। ଗାଁ ଲୋକଙ୍କ ସମାଗମ ଦେଖି ଅଭିଯୁକ୍ତ ଯୁବକ ଜଣକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ଯୁବତୀଙ୍କ ପରିବାର ପକ୍ଷରୁ ବ୍ରହ୍ମବରଦା ଫାଣ୍ଡିରେ ଏକ ମାମଲା ରୁଜୁ କରାଯାଇଛି। ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ରଥ ଘଟଣାର ତଦନ୍ତ କରୁଛନ୍ତି।




# ଆଲୋକ ଓ ସତ୍ୟଜିତ୍ ଭାଜପାରୁ ବହିଷ୍କୃତ

ଭୁବନେଶ୍ୱର, ୨୫।୪(ବ୍ୟୁରୋ): ଅନୁଶାସନ ଭଙ୍ଗ ଏବଂ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଦୁଇ ଜଣଙ୍କୁ ଦଳରୁ ବହିଷ୍କାର କରିଛନ୍ତି। କେନ୍ଦ୍ରାପଡା ବିଧାନସଭା ନିର୍ବାଚନମଣ୍ଡଳୀର ଆଲୋକ କୁମାର ଜେନା ଏବଂ ଆଳି ବିଧାନସଭା ନିର୍ବାଚନମଣ୍ଡଳୀର ସତ୍ୟଜିତ୍ ସ୍ୱାଇଁଙ୍କୁ ଦଳରୁ ବହିଷ୍କାର କରିଛନ୍ତି। ଏନେଇ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ରାଜ୍ୟ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

# ଆମ୍ବଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଧର୍ମଶାଳା, ୨୫।୪ (ଡି.ଏନ୍.ଏ.) ଧର୍ମଶାଳା ଥାନା ବ୍ରହ୍ମବରଦା ଫାଣ୍ଡି ଅଧୀନସ୍ଥ ବ୍ରାହ୍ମଣୀନଦୀ କୂଳ ଆମ୍ବ ଗଛରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ଜଣଙ୍କ ବଡ଼ମଙ୍ଗଳପୁର ଗ୍ରାମର ବାପି ପାଣି(୨୪)। ଏ ନେଇ ଧର୍ମଶାଳା ପୋଲିସ ଏକ ଅପମୃତ୍ୟୁ ମାମଲା (୪/୧୯) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇ ଘଟଣା ତଦନ୍ତ କରୁଛି। ପ୍ରକାଶ ଯେ, କୌଣସି ଏକ କାରଣଙ୍କୁ ନେଇ ବୁଧବାର ବିଳମ୍ବିତ ରାତିରେ ସ୍ଥାନୀୟ ବ୍ରାହ୍ମଣୀନଦୀ କୂଳରେ ଥିବା ଏକ ଆମ୍ବଗଛରେ ଗାମୁଛାରେ ବାପି ଦଉଡିଦେଇ ଆତ୍ମହତ୍ୟା କରିଥିଲେ। ଗୁରୁବାର ସକାଳେ ସ୍ଥାନୀୟ ଲୋକେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ପରିବାରିକ କଳହରୁ ଏପରି ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିବା ଜଣାପଡିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
- ସନ୍ଥ କବୀର ଦାସ


Volume : 01, Episode : 06

## ବିକାଶ ପାଇଁ ଦରକାର, ସ୍ଥିର ସରକାର




ଶଙ୍ଖ ଚିହ୍ନରେ ଭୋଟ୍ ଦେବା । ଦୁଇ ଥର । ଥରେ ଏମ୍.ପି ପାଇଁ ଥରେ ଏମ୍.ଏଲ୍.ଏ ପାଇଁ

to be continued .. ..


## ସଂକ୍ଷେପରେ

### ଅଟୋ ଓଲଟି ଜଣେ ଗୁରୁତର



**ଦଶପଲ୍ଲା,୨୫।୪ (ଡି.ଏନ.ଏ.):** ଦଶପଲ୍ଲା-ଭଞ୍ଜନଗର ରାସ୍ତାର ସ୍ଥାନୀୟ ଅଭୟପୁରଠାରେ ଗୁରୁବାର ପୂର୍ବାହ୍ନରେ ଏକ ଅଟୋ ଓଲଟି ଜଣେ ଯାତ୍ରୀ ଗୁରୁତର ହୋଇଛନ୍ତି। ସେ ହେଲେ ଭଞ୍ଜନଗର ଅଞ୍ଚଳର କବିତା ପଣ୍ଡା। ଓଆର୍୦୨ବିଜେଡ୍ ୭୬୯୭ନଂ. ଅଟୋଟି କଟକ ଜିଲା ବଡମ୍ବା ଅଞ୍ଚଳରୁ ଭଞ୍ଜନଗର ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଥିଲା। ଅଟୋରେ ୩ଜଣ ଯାତ୍ରୀ ବସିଥିବା ବେଳେ କବିତା ଗୁରୁତର ହୋଇଥିଲେ। ଖବରପାଇ ଦଶପଲ୍ଲା ଦମକଳ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଯୁକ୍ତ ୩ ଚତୁର୍ଥ ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବାକୁ ଦାବି

**ବୋଲଗଡ଼,୨୫।୪(ଡି.ଏନ.ଏ.):** ଯୁକ୍ତ୩ ୪ର୍ଥ ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବା ପାଇଁ ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଗୁରୁବାର କଲେଜ ସମ୍ମୁଖ ଗେଟ୍‌ଠାରେ ଛାତ୍ରୀଛାତ୍ର ଧାରଣା ଦେବା ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ନେଇ ଏକ ଦାବିପତ୍ର ଦେଇଛନ୍ତି। ଛାତ୍ରୀଛାତ୍ର କହିଛନ୍ତି ଯେ, ଗୋଟିଏ ସେମିଷ୍ଟରରୁ ଅନ୍ୟ ସେମିଷ୍ଟର ପରୀକ୍ଷା ପାଇଁ ୬ ମାସ ଅବଧି ଆବଶ୍ୟକ। ଏହି ସମୟ ମଧ୍ୟରେ ଦ୍ୱିତୀୟ ସେମିଷ୍ଟର ପାଇଁ ପାଠ୍ୟକ୍ରମ ପଢ଼ା ଶେଷ ହୋଇଥାଏ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଜାନୁୟାରୀ ଶେଷରେ ୩ୟ ସେମିଷ୍ଟର ପରୀକ୍ଷା ହୋଇଥିବାବେଳେ ମେ ମାସରେ ୪ର୍ଥ ସେମିଷ୍ଟର ପରୀକ୍ଷା ପାଇଁ ଘୋଷଣା କରାଯାଇଛି। ଏ ଘଟଣାକୁ ଛାତ୍ରୀଛାତ୍ର ବିରୋଧ କରୁଛନ୍ତି। କାରଣ ୪ର୍ଥ ସେମିଷ୍ଟର ପାଠ୍ୟକ୍ରମ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ତେଣୁ ପରୀକ୍ଷାକୁ ଘୁଞ୍ଚାଇବାକୁ ଦାବି ହୋଇଛି।

### ସନ୍ଥ ରାମ ଲକ୍ଷ୍ମଣ ଦାସଙ୍କ ବ୍ରହ୍ମଲୀନ ମହୋତ୍ସବ




**ଖଣ୍ଡପଡା,୨୫।୪(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳା ପଞ୍ଚାୟତସ୍ଥ ଗୋକୁଳାନନ୍ଦ ଜୀଉ ମନ୍ଦିର ପ୍ରତିଷ୍ଠାତା ସନ୍ଥ ରାମ ଲକ୍ଷ୍ମଣ ଦାସଙ୍କ ଦ୍ୱାଦଶ ବ୍ରହ୍ମଲୀନ ମହୋତ୍ସବ ଗୁରୁବାର ପାଳିତ ହୋଇଯାଇଛି । ପ୍ରାତଃ ସମୟରେ ମନ୍ଦିର ପରିଚାଳକ ଗଙ୍ଗାଧର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଗୋକୁଳାନନ୍ଦ ଜୀଉ ମନ୍ଦିର ପରିସରରେ ଥିବା ସନ୍ଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପଞ୍ଚ ଉପଚାର ସହ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ସମାଧି ପୀଠରେ ସମୂହ ପ୍ରାର୍ଥନା ଓ ନାମ ସଂକୀର୍ତ୍ତନ କରାଯାଇଥିଲା। ସିଧାମୂଳା ଜଗନ୍ନାଥ ମନ୍ଦିରରେ ରାମ ଲକ୍ଷ୍ମଣ ମହିଳା ମଣ୍ଡଳ ପକ୍ଷରୁ ସନ୍ଥ ରାମ ଲକ୍ଷ୍ମଣଙ୍କ ଏକ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହା ପରେ ଏକ ଶୋଭାଯାତ୍ରା କରାଯାଇ ବାଲ୍ୟଲୀଳା କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

■ ନିଶା ସେବନକରି ଭୁଲିଗଲେ ହିତାହିତ ଜ୍ଞାନ

# ନାକରେ ଲୁହା ରଡ୍ ପୂରାଇ ହତ୍ୟା

**ନୟାଗଡ଼ ଅଫିସ,୨୫।୪**

ନିଶା ସେବନ କରିଥିବା ବ୍ୟକ୍ତି କିପରି ହିତାହିତ ଜ୍ଞାନ ଭୁଲିଯାନ୍ତି ଗୁରୁବାର ତା'ର ଏକ ନିଚ୍ଛକ ଚିତ୍ର ଦେଖିବାକୁ ମିଳିଛି ନୟାଗଡ଼ ସଦର ଥାନା ଅନ୍ତର୍ଗତ ବାଲୁଗାଁ ବଜାରରେ। ଅତି ଅମାନବିକ ଭାବେ ଏଠାରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଥିବା ବ୍ୟକ୍ତି ହେଲେ ବୋଦାପଡ଼ା ଗ୍ରାମର ପ୍ରମୋଦ ପରିଡ଼ା (୫୨)।

ଘଟଣାରୁ ପ୍ରକାଶ ଯେ, ମଧ୍ୟାହ୍ନ ୧୨ଟା ସମୟରେ ପ୍ରମୋଦ ବାରବାଟୀ ଛକରେ ଠିଆ ହୋଇଥିଲେ। ଏହି ସମୟରେ ମଜୁରିଆପଲ୍ଲୀ ଗ୍ରାମର ପ୍ରଭାତ ନାମକ ଜଣେ ବ୍ୟକ୍ତି ତାଙ୍କୁ ନିଶାସେବନ କରିବାକୁ ଡାକିଥିଲେ। ଉଭୟ ବାଲୁଗାଁ ବଜାରରେ ଥିବା ଗୁଲି ଭାଟି (ଅଫିମରୁ ତିଆରି ସାମଗ୍ରୀ ବିକ୍ରି ହେଉଥିବା ଦୋକାନ)କୁ ଯାଇଥିଲେ। ସେଠାରେ ଉଭୟ ଗୁଲି ଖାଇଥିଲେ। କିଛି ସମୟ ପରେ ନିଶାସେବନ କରୁଥିବା ଅନ୍ୟ ଲୋକମାନଙ୍କ ସହିତ ପ୍ରମୋଦଙ୍କ ବଚସା ହୋଇଥିଲା। କ୍ରମଶଃ ଏହା ଉଗ୍ର ରୂପ ଧାରଣ କରିଥିଲା। ଏହି ସମୟରେ କେହି ପାଖରେ ପଡ଼ିଥିବା ଏକ ଲୁହା ରଡ଼ ପ୍ରମୋଦଙ୍କ ନାକରେ ପୂରାଇ ଦେଇଥିଲେ। ଲୁହା ରଡ୍‌ଟି ପ୍ରମୋଦଙ୍କ ନାକପଟେ ପଶି ଆଖିପଟେ ବାହାରି ଯାଇଥିଲା। ପରେ ନିଶାସେବନ କରିଥିବା ବ୍ୟକ୍ତିମାନେ ପ୍ରମୋଦଙ୍କୁ ଚିକିତ୍ସା ପାଇଁ ବାଲୁଗାଁରେ ଥିବା ଏକ ଘରୋଇ ନର୍ସିଂହୋମ୍‌କୁ ନେଇଥିଲେ। ସେଠାରେ ଡାକ୍ତର ନ ଥିବାରୁ କାଳେ କିଛି ଅଘଟଣ ଘଟିବ ସେହି ଭୟରେ ସମ୍ପୃକ୍ତ ବ୍ୟକ୍ତିମାନେ ପ୍ରମୋଦକୁ ନର୍ସିଂ ହୋମ୍ ଆଗରେ ଛାଡ଼ି ଚାଲିଯାଇଥିଲେ। କିଛି ଲୋକ ଏହା ଦେଖି ପ୍ରମୋଦଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ବୋଦାପଡ଼ା ଗ୍ରାମର କିଛି ଯୁବକ ପ୍ରମୋଦଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପ୍ରମୋଦଙ୍କ ପୁଅ ବିଶ୍ୱଜିତ ପରିଡ଼ା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗୁଲିଭାଟିରେ ପହଞ୍ଚି ସେଠାରେ କେହି ନ ଥିବା ଜାଣିବାକୁ ପାଇଥିଲା। କିନ୍ତୁ ସେଠାରେ ରକ୍ତ ଦାଗ ଲିଭାଇବା ପାଇଁ ପାଣି ପକାଇ ପୋଛା ଯାଇଥିବା ଦେଖିବାକୁ ମିଳିଥିଲା। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଥିଲା। ବାଲୁଗାଁ ଗ୍ରାମର କାର୍ତ୍ତିକ ପରିଡ଼ା ନାମକ ବ୍ୟକ୍ତି ୪୦ବର୍ଷ ହେଲା ବଜାରରେ ବେଆଇନ ଭାବେ ଗୁଲି ଭାଟି କରିଥିବା ଜଣାପଡ଼ିଛି। ବକେୟା ଟଙ୍କାକୁ କେନ୍ଦ୍ର କରି କାର୍ତ୍ତିକ ତାଙ୍କ ବାପାଙ୍କୁ ହତ୍ୟା କରିଥିବା ବିଶ୍ୱଜିତ ଅଭିଯୋଗ କରିଛନ୍ତି। ଏ ନେଇ ସଦର ଥାନାରେ କାର୍ତ୍ତିକ ଓ ଅନ୍ୟ ୩ ଜଣଙ୍କ ନାମରେ ମାମଲା (କେସ ନଂ. ୫୧/୧୯) ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଅନ୍ନପୂର୍ଣ୍ଣା ବେହେରା ପ୍ରକାଶ କରିଛନ୍ତି। କାର୍ତ୍ତିକ ଓ ତାଙ୍କ ପରିବାର ସମେତ ମଜୁରିଆପଲ୍ଲୀର ପ୍ରଭାତ ଫେରାର ଥିବା ଥାନା ଅଧିକାରୀ ବେହେରା କହିଛନ୍ତି।



ଘଟଣାସ୍ଥଳରେ ତଦନ୍ତ କରୁଛି ପୋଲିସ।

■ଅଭିଯୁକ୍ତ ଫେରାର
■ବକେୟା ଟଙ୍କାକୁ ନେଇ ହତ୍ୟା ଅଭିଯୋଗ

■ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା ଉଦ୍‌ଯାପିତ

## ଶ୍ରୀରାମଙ୍କ ଅଭିଷେକ ଉତ୍ସବ



ଶ୍ରୀରାମଙ୍କ ରାଜ୍ୟାଭିଷେକ।

**ଦଶପଲ୍ଲା,୨୫।୪(ଡି.ଏନ୍.ଏ)**

ମହାବୀର କ୍ଷେତ୍ର ଦଶପଲ୍ଲାର ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ଗୁରୁବାର ଶ୍ରୀରାମଙ୍କ ରାଜ୍ୟାଭିଷେକ ସହ ଉଦ୍‌ଯାପିତ ହୋଇଛି। ପୂର୍ବାହ୍ନରେ ମନ୍ଦିର ପରିସରରେ ଠାକୁରଙ୍କ ଦେବନୀତି ଶାସ୍ତ୍ରମତେ ଅନୁଷ୍ଠିତ ହୋଇଥିଲା। ରାତିରେ ଶ୍ରୀ ଶ୍ରୀ ରଘୁନାଥଜୀଉ ଓ ମହାବୀର ଦେବଙ୍କ ମନ୍ଦିର ସମ୍ମୁଖ ବିରାଟ ଛାୟାମଣ୍ଡପ ତଳେ ରାମଲୀଳାର ଶ୍ରୀରାମ ରାଜ୍ୟାଭିଷେକ କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଶ୍ରୀରାମଚନ୍ଦ୍ର ରାବଣଙ୍କୁ ବ୍ରହ୍ମଶରରେ ବଧ କରିବା ପରେ ସୀତାଙ୍କୁ ଉଦ୍ଧାର କରି ପୁଷ୍ପକ ବିମାନରେ ଫେରିଥିଲେ। ତାଙ୍କ ସହ ଭ୍ରାତା ଲକ୍ଷ୍ମଣ, ବୀର ହନୁମାନ ଓ ସମସ୍ତ ସୈନ୍ୟସାମନ୍ତ ମଧ୍ୟ ଫେରିଥିଲେ। ଏହା ପରେ ରାଜ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା। କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ ବେଶ୍ ଆକର୍ଷଣୀୟ ହୋଇଥିଲା। ଏହି ଉତ୍ସବ ସହ ଚଳିତବର୍ଷ ଲଙ୍କାପୋଡ଼ି ଯାତ୍ରା ଉଦ୍‌ଯାପିତ ହୋଇଥିଲା। ୧୮୦୨ ମସିହାରୁ ଏଠାରେ ଲଙ୍କାପୋଡ଼ି ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ୩୫ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ମୂର୍ତ୍ତି ଓ ପୁଷ୍ପକ ବିମାନ ଏହି ଯାତ୍ରାର ଆକର୍ଷଣ ସାଜିଥାଏ। ତେବେ ଯାତ୍ରା ନିମନ୍ତେ ଗାନ୍ଧୀ ମଇଦାନରେ ବହୁ ଦୋକାନ ବଜାର ଖୋଲିବା ସହ ବିଭିନ୍ନ ପ୍ରକାର ଦୋଳି ପଡିଛି। ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ହେଉଥିବା ଦେଖାଯାଉଛି।

## ଏସ୍ଏଚ୍‌ଜି ମହିଳାଙ୍କ ରାସ୍ତା ଅବରୋଧ

**ବୋଲଗଡ଼,୨୫।୪(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ କାର୍ଯ୍ୟାଳୟଠାରେ ଗୁରୁବାର ସ୍ୱୟଂ ସହାୟମିକା ଗୋଷ୍ଠୀ (ଏସ୍ଏଚ୍‌ଜି) ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି। ଏସ୍ଏଚ୍‌ଜି ମହିଳାମାନଙ୍କ ପାଇଁ ପ୍ରଦାନ କରାଯାଇଥିବା ଅର୍ଥ ସେମାନେ ପାଇ ନ ଥିବା ଦାବି କରି ରାସ୍ତା ଅବରୋଧ କରିଛନ୍ତି ବୋଲି ଅନ୍ଦୋଳନକାରୀ କହିଥିଲେ। ଉକ୍ତ ପଞ୍ଚାୟତସ୍ଥ ଗର୍ଭଣୀପଡ଼ା ଗ୍ରାମର କେତେଜଣ ମହିଳା ବାଙ୍କୋଇଦେଶ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନ ହେବାରୁ ମହିଳାମାନେ ରାଜସୁନାଖଳା-ଧଳାପଥର ରାସ୍ତା ଅବରୋଧ କରିଥିଲେ। ଖବରପାଇ ବୋଲଗଡ଼ ବ୍ଲକ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।



ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

## ଅଚଳ ନଳକୂପ ମରାମତି ଦାବି

**ଖଣ୍ଡପଡା,୨୫।୪(ସ୍ୱ.ପ୍ର.)**

ଦୀର୍ଘ ବର୍ଷ ହେବ ଖଣ୍ଡପଡ଼ା ସହରାଞ୍ଚଳର ବିଭିନ୍ନ ସାହିବସ୍ତିରେ ୨୦ରୁ ଊର୍ଦ୍ଧ୍ୱ ନଳକୂପ ଅଚଳ ଅବସ୍ଥାରେ ପଡିରହିଛି। ସମ୍ପ୍ରତି ଗ୍ରୀଷ୍ମପ୍ରବାହ ସମୟରେ ପାଣିର ଉତ୍କଟ ଅଭାବ ଯୋଗୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ମରାମତି ଦିଗରେ ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ସହରର ବିଭିନ୍ନ ୱାର୍ଡରେ ପାନୀୟ ଜଳର ଉତ୍କଟ ଅଭାବ ପରିଲକ୍ଷିତ ହେଉଛି। ପାନୀୟଜଳ ସମସ୍ୟାର ସମାଧାନ ନିମନ୍ତେ ପ୍ରଶାସନ ଦୃଷ୍ଟିଦେବାକୁସାଧାରଣରେ ଦାବିହେଉଛି।

## ସଂରକ୍ଷିତ ଜଙ୍ଗଲ ଓ ପାହାଡ଼ରେ ନିଆଁ, ବିପଦରେ ବନ୍ୟପ୍ରାଣୀ

**ଖଣ୍ଡପଡା,୨୫।୪(ସ୍ୱ.ପ୍ର.)**

ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଶିଖରପୁର ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲ ଓ ପାହାଡ଼ରେ ନିଆଁ ଲାଗିଛି। ଫଳରେ ବ୍ୟାପକ ଜଙ୍ଗଲ ସମ୍ପଦ ପୋଡ଼ି ନଷ୍ଟ ହୋଇଯାଇଛି। ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଉଥିବା କାଠ କଟାଳିଙ୍କଠାରୁ ଆରମ୍ଭ କରି ମାଫିଆମାନେ ବିଡ଼ି ଟାଣି ଏଣେତେଣେ ପକାଇ ଦେଉଥିବାରୁ ଶୁଖିଲା ଡାଳପତ୍ରରେ ନିଆଁ ଲାଗି ଜଙ୍ଗଲ ଧ୍ୱଂସ ହେଉଥିବା ଅଭିଯୋଗ ହେଉଛି। ଅପରପକ୍ଷେ କାଠ କୋଇଲା ସଂଗ୍ରହ ପାଇଁ କେତେକ ଜାଣିଶୁଣି ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ମଧ୍ୟ ଅଭିଯୋଗ ହେଉଛି। ସେହିପରି ଜଙ୍ଗଲରେ ରହୁଥିବା ବନ୍ୟପ୍ରାଣୀଙ୍କ ପାଇଁ ଏହା ବିପଦର କାରଣ ପାଲଟିଛି। ବନ୍ୟପ୍ରାଣୀ ଏବେ ଜଙ୍ଗଲଛାଡ଼ି ଗାଁମୁହାଁ ହେଉଛନ୍ତି। ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କୁହନ୍ତି, ଜଙ୍ଗଲରେ ଲାଗିଥିବା ନିଆଁକୁ ଲିଭାଇବା ପାଇଁ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଏ ଦିଗରେ ବନ ବିଭାଗ କର୍ମଚାରୀ ଓ ବନସୁରକ୍ଷା ସମିତି କର୍ମକର୍ତ୍ତାମାନେ ବେଶ୍ ସଚେତନ ଥିବା ସେ ପ୍ରକାଶ କରିଛନ୍ତି।

■ ଦଶପଲ୍ଲା ନିର୍ବାଚନମଣ୍ଡଳୀର ୨ ବୁଥ୍‌ରେ ସାନି ମତଦାନ

## ଶାନ୍ତିଶୃଙ୍ଖଳାରେ ସରିଲା ଭୋଟଗ୍ରହଣ

**ନୂଆଗାଁ, ୨୫।୪ (ଡି.ଏନ.ଏ.)**

ନୟାଗଡ ଜିଲା ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୂଆଗାଁ ବ୍ଲକର ୨୧୦ ଓ ୨୨୨ ନମ୍ବର ବୁଥରେ ଗୁରୁବାର ସାନି ମତଦାନ ଅନୁଷ୍ଠିତ ହୋଇଛି। ଏହା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିବା ଜଣାଯାଇଛି।

୧୮ ତାରିଖରେ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ନୂଆଗାଁ ବ୍ଲକର ୯୩ ବୁଥ୍ ମଧ୍ୟରୁ ୯୧ଟି ବୁଥ୍‌ରେ ମତଦାନ ହୋଇଥିଲା। କିନ୍ତୁ ବାହାଡାଖୋଲା ପଞ୍ଚାୟତରେ ଥିବା ୨୧୦ ନମ୍ବର ବୁଥ୍ ଓ ଗୁମି ପଞ୍ଚାୟତ ବେତନଟିଠାରେ ଥିବା ୨୨୨ ନମ୍ବର ବୁଥ୍‌ରେ ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଇଭିଏମ୍‌ର ଯେକୌଣସି ବଟନ ଦବାଇଲେ ନିର୍ଦ୍ଦିଷ୍ଟ ଗୋଟିଏ ଚିହ୍ନକୁ ଭୋଟ ଯାଉଥିବା ଦେଖିବାକୁ ମିଳିଥିଲା। ନୂଆଗାଁ ବ୍ଲକର ନିର୍ବାଚନ ଅଧିକାରୀ ଓ ମେକାନିକ ଲାଗି ତାହାକୁ ସଜାଡିବା ସମ୍ଭବପର ନ ହେବାରୁ ସେହିଦିନ ଉକ୍ତ ଦୁଇଟି ବୁଥ୍‌ର ମତଦାନକୁ ବାତିଲ କରାଯାଇଥିଲା। ଫଳରେ ୨୧୦ ନମ୍ବର ବୁଥ୍‌ର ୧୨୫୬ ଜଣ ଭୋଟର ମତଦାନରୁ ବଞ୍ଚିତ ହୋଇଥିବା ବେଳେ ୨୨୨ ନମ୍ବର ବୁଥ୍‌ର ୭୯୩ ଜଣ ମତଦାନରୁ ବଞ୍ଚିତ ହୋଇଥିଲେ। ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସେହି ଦୁଇଟି ବୁଥ୍‌ରେ ଗୁରୁବାର ସାନି ମତଦାନ କରାଯାଇଥିଲା। ୨୧୦ ନମ୍ବର ବୁଥ୍‌ରେ ୭୯୦ ମତଦାତା ଓ ୨୨୨ ନମ୍ବର ବୁଥ୍‌ରେ ୬୦୭ ମତଦାତା ମତଦାନ କରିଥିଲେ ।



ଭୋଟ ଦେବା ପାଇଁ ଲୋକଙ୍କ ଲମ୍ବା ଧାଡ଼ି।

# ବର୍ଷ ବର୍ଷ ଧରି ଚାଲିଛି ବେଆଇନ ଇଟାଭାଟି

**ଓଡ଼ଗାଁ,୨୫।୪(ସ୍ୱ.ପ୍ର.)**

ସରକାର ମାଟି ଇଟାଭାଟିକୁ ସମ୍ପୂର୍ଣ୍ଣ ବେଆଇନ ଘୋଷଣା କରିବାର ବହୁବର୍ଷ ବିତିଯାଇଥିଲେ ସୁଦ୍ଧା ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଅଞ୍ଚଳରେ ଏଭଳି ବହୁ ବେଆଇନ ଇଟାଭାଟି ଗଢିଉଠିଛି। ସୁନାମୁହିଁ ପଞ୍ଚାୟତ ଧଖୋଲାଠାରେ ପ୍ରାୟ ୧୦ବର୍ଷ ହେଲା ଚାଲିଥିବା ଏକ ବଡ ଇଟାଭାଟିକୁ ପ୍ରଶାସନ ବନ୍ଦ କରିବାରେ ବିଫଳ ହୋଇଛି। ଏ ନେଇ ସ୍ଥାନୀୟ ପରିବେଶବିତ୍ ଓ ସଚେତନ ନାଗରିକ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଛନ୍ତି। ଏପରି କି ପ୍ରଶାସନକୁ ଜଣାଇବା ପରେ ଏସବୁ ଇଟାଭାଟିର କଳେବର ବୃଦ୍ଧି ପାଇଥିବାବେଳେ ସମ୍ପୃକ୍ତ ବ୍ୟକ୍ତିମାନେ ଧମକ ଚମକର ଶିକାର ହୋଇଛନ୍ତି। ସୂଚନା ଅଧିକାର ଆଇନ ଦ୍ୱାରା ମଗାଯାଇଥିବା ସୂଚନା ମଧ୍ୟ ଯୋଗାଇ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ସେହିପରି ରବିଗାଡିଆ ପଞ୍ଚାୟତର ଓଡ଼ଗାଁ-ବାହାଡ଼ାଖୋଲା ପୂର୍ତ୍ତ ରାସ୍ତା ଜାମୁପାଟଣାଠାରେ ଏକ ଖୋଲା ଇଟାଭାଟି ବର୍ଷ ବର୍ଷ ଧରି ଚାଲିଛି । ଏହି ଇଟାଭାଟି ଶୂଳିଆ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱରେ ବେଧଡକ ଚାଲିଥିବା ବେଳେ ସେଠାରୁ ପ୍ରଚୁର ପରିମାଣର ମାଟି ଜେସିବି ସାହାଯ୍ୟରେ ତାଡି ମୃତ୍ତିକା ସଂରକ୍ଷଣ ନିୟମକୁ ଖୋଲା ଉଲ୍ଲଂଘନ କରାଯାଉଛି। ତଳ ମୁଣ୍ଡରେ ମାଟି ତଡାଯାଉଥିବାବେଳେ ଉପରମୁଣ୍ଡରେ ସରକାରୀ ଅନୁଦାନରେ ଖୋଳାଯାଇଥିବା ଏକ ଜଳ ଅମଳ ପ୍ରକଳ୍ପ ବନ୍ଧ ପ୍ରତି ବିପଦ ସୃଷ୍ଟି କରିଛି । ପ୍ରତିଦିନ ଏସବୁ ଇାଟାଭାଟିରୁ ଲକ୍ଷାଧିକ ଇଟା ଟ୍ରକ, ଟ୍ରାକ୍ଟର ଦ୍ୱାରା ବାହାରକୁ ଚାଲାଣ ହେଉଛି। ଏସବୁ ବେଆଇନ କାର୍ଯ୍ୟ ପାଇଁ ଧର୍ମକୁ ଆଖିଠାର ଭଳି ସେମାନଙ୍କଠାରୁ ନାମକୁମାତ୍ର ଜରିମାନା ଆଦାୟ କରାଯାଉଥିବା କୁହାଯାଉଥିବା ବେଳେ ଏସବୁକୁ ବନ୍ଦ କରିବାରେ ପ୍ରଶାସନ ନୀରବ ରହିଛି । ଅନ୍ୟପକ୍ଷେ ଏସବୁ ଇଟାଭାଟିରୁ ନିର୍ଗତ ଧୂଆଁ ନିକଟରେ ଥିବା ଶତାୟୁ ଆମ୍ବ ବୃକ୍ଷ ସହିତ ସରକାରୀ ଅନୁଦାନରେ ରୋପଣ କରାଯାଇଥିବା ବହୁ ମୂଲ୍ୟବାନ ଗଛ ଓ ସଂରକ୍ଷିତ ଜଙ୍ଗଲରେ ଥିବା ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ସୃଷ୍ଟି କରିଛି ।



ସଂରକ୍ଷିତ ଜଙ୍ଗଲ ନିକଟରେ ଗଢି ଉଠିଥିବା ଇଟାଭାଟି।

■ବନ୍ଦ କରିବାରେ ପ୍ରଶାସନ ବିଫଳ
■ମୃତ୍ତିକା ସଂରକ୍ଷଣ ଆଇନର ଉଲ୍ଲଂଘନ
■ଜଳ ଅମଳ ପ୍ରକଳ୍ପ, ପୁରାତନ ଗଛ ପ୍ରତି ବିପଦ

### କ'ଣ କହନ୍ତି ଏମାନେ...

- ଏକାଧିକ ଥର ବେଆଇନ ଇଟାଭାଟି ସମ୍ପର୍କରେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସୂଚନା ଅଧିକାର ଆଇନ ଦ୍ୱାରା ତଥ୍ୟ ମାଗିଛି। ହେଲେ କୌଣସି ସୁଫଳ ମିଳିନାହିଁ। ଏଥିରେ ସରକାରୀ ବାବୁଙ୍କ ସମ୍ପୃକ୍ତି ନାହିଁ ତ ଆଉ କ'ଣ ?

**– ରାମହରି ଚୌଧୁରୀ, ସଚେତନ ନାଗରିକ, ସୁନାମୁହିଁ**

-ତହସିଲ ତରଫରୁ ସମ୍ପୃକ୍ତ ଇଟାଭାଟି ମାଲିକଙ୍କୁ ତାଗିଦ୍ କରାଯାଉଛି। ସେମାନଙ୍କଠାରୁ ଜରିମାନା ମଧ୍ୟ ଆଦାୟ କରାଯାଉଛି।

**– ପ୍ରମୋଦ କୁମାର ନାୟକ, ତହସିଲଦାର, ଓଡ଼ଗାଁ**

-ଇଟାଭାଟିକୁ ସରକାର ବେଆଇନ ଘୋଷଣା କରିଥିବାବେଳେ ଏ ନେଇ କେବଳ ତହସିଲଦାର କାର୍ଯ୍ୟାନୁଷ୍ଠାନ ନେଇପାରିବେ । ହେଲେ ଇଟାଭାଟିରେ କାଠ ବ୍ୟବହାର ହେଉଥିଲେ ତାଙ୍କ ବିଭାଗ ଦୃଷ୍ଟି ଦେବ ବୋଲି କହିଥିଲେ । ବନ୍ୟପ୍ରାଣୀଙ୍କ ସମ୍ପର୍କରେ ସେ ଅନୁଧାନ କରିବେ ବୋଲି ସୂଚନା ଦେଇଥିଲେ ।

**– ଅରବିନ୍ଦ ମହାନ୍ତି, ସହକାରୀ ବନ ସଂରକ୍ଷକ, ନୟାଗଡ଼**